# ବୀମାଭୁକ୍ତ ହେଲେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ

**ଗୁଣପୁର, ୨୭।୪ (ସଂକେତ ପାତ୍ର/ସୁଜାତା ପାଢ଼ୀ)**

ଗୁଣପୁର ଉପ ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଦୁଧାଲ ଅଭିଷେକ ଦିଲୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଗୁଣପୁର ନିୟନ୍ତ୍ରିତ ବଜାର କମିଟି ଅନୁମୋଦନ କ୍ରମେ ଆର୍‌ଏମ୍‌ସିର ସମସ୍ତ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା କରାଯାଇଛି । ଇଫ୍‌କୋ-ଟୋକିଓ ଏବଂ ମଣିପାଲ ସିଗ୍‌ମା ନାମକ ବୀମା କମ୍ପାନୀଙ୍କ ସହ ଗୁଣପୁର ନିୟନ୍ତ୍ରିତ ବଜାର କମିଟିର ବୁଝାମଣା ସ୍ୱାକ୍ଷରିତ ହୋଇ ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀଙ୍କୁ ବୀମାଭୁକ୍ତ କରାଯାଇ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିମନ୍ତେ ମୃତ୍ୟୁକାଳୀନ ସହାୟତା ରାଶି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେମାନଙ୍କ ପରିବାରକୁ ପ୍ରଦାନ କରାଯିବ । ସେହିପରି ମଣିପାଲ ସିଗ୍‌ମା ସ୍ୱାସ୍ଥ୍ୟବୀମା ତରଫରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡାକ୍ତରୀ ଚିକିତ୍ସା ସୁବିଧା ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପରିବାରକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଓ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ। ସୋମବାର ରାମନାଗୁଡା ବ୍ଲକ ପରିସରରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ବୀମା ପଲିସି କାଗଜାତ (କାର୍ଡ) ପ୍ରଦାନ କରିଥିଲେ । ଏହି ସମୟରେ ଗୁଣପୁର ଉପ ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଅଭିଷେକ, ଆର୍‌ଏମ୍‌ସି ସମ୍ପାଦକ ଦଳପତି କାର୍ଜୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନାର ବାର୍ଲା, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀ, ରାମନାଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ଗୁଣପୁର ଉପଖଣ୍ଡର ସମସ୍ତ ହାଟ ପ୍ରାଙ୍ଗଣ ଆଦି ବୁଲି ରାଜସ୍ୱ ଆଦାୟ କରୁଥିବା ସମୟରେ ବିଭିନ୍ନ ଦୁର୍ଘଟଣାର ଶିକାର ହେଉଥିବା ଓ ମୃତ୍ୟୁବରଣ କରୁଥିବା କମିଟି ଅଧ୍ୟକ୍ଷ ଅଭିଷେକଙ୍କ ନଜରକୁ ଆସିବା ପରେ ନିୟନ୍ତ୍ରିତ ବଜାର କମିଟିର ଅନୁମୋଦନ ପରେ କର୍ମଚାରୀଙ୍କ ଜୀବନର ମୂଲ୍ୟବୋଧକୁ ବୁଝିପାରି ନିୟମିତ ଓ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ନିମନ୍ତେ ଏଭଳି ଏକ ପଦକ୍ଷେପ ନେଇଥିବାରୁ ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀ ଅଧ୍ୟକ୍ଷ ଏବଂ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ କୃତଜ୍ଞତା ଜଣାଇଛନ୍ତି ।



ଆର୍‌ଏମ୍‌ସି କର୍ମଚାରୀଙ୍କୁ ବୀମା ପଲିସି କାର୍ଡ ପ୍ରଦାନ କରାଯାଉଛି।

# ଗୋମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ନେଇ ଦାବିପତ୍ର


ଗୋ ସୁରକ୍ଷା କର୍ମୀମାନେ ଦାବିପତ୍ର ଦେଉଛନ୍ତି।

**ଗୁଣପୁର,୨୭।୪(ସୁଜାତା ପାଢ଼ୀ)**

ସମଗ୍ର ଭାରତବର୍ଷରେ ସାଧୁସନ୍ଥଙ୍କ ଦ୍ୱାରା ଚାଲିଥିବା ଗୋ ସମ୍ମାନ ଅଭିଯାନରେ ଗୁଣପୁର ତହସିଲ ବାସିନ୍ଦା ମଧ୍ୟ ସାମିଲ ହୋଇଛନ୍ତି । ଗୋସୁରକ୍ଷା, ସୁରକ୍ଷିତ ଗୋଶାଳା ନିର୍ମାଣ, ଗୋମାତାଙ୍କୁ ରାଷ୍ଟ୍ରମାତା ଭାବେ ଘୋଷଣା ଦାବିରେ ଗୁଣପୁର ତହସିଲରଙ୍କୁ ସୋମବାର ଏକାଠି ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଛି। ଗୁଣପୁର ତହସିଲର ଶତାଧିକ ଲୋକଙ୍କ ଦସ୍ତଖତ ଥିବା ସ୍ମାରକପତ୍ର ସ୍ଥାନୀୟ ଅତିରିକ୍ତ ତହସିଲଦାର ଅବିନାଶ ଶତପଥୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ସ୍ଥାନୀୟ ବାସିନ୍ଦା ପଣ୍ଡିତ ଚନ୍ଦନ ମହାପାତ୍ର, ଯୁବନେତା ରାମ ପଣ୍ଡା, କାଉନସିଲର ଶିବ ପାଢ଼ୀ, ସାମାଜିକ କର୍ମୀ ଉମା ଦାଶ, ଯୁବ ଉଦ୍ୟୋଗୀ ବି. ରବି କୁମାର, ଶି ରାମ ଡାକୁଆ ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

**ଗୁଡାରି,୨୭।୪ (ପ୍ରମୋଦ କୁମାର ପତି)**

ରାୟଗଡା ଜିଲା ଗୁଡାରି ବ୍ଲକର ପେଣ୍ଠିଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ ଢେପାଗୁଡାରେ ସୋମବାର ନୂତନ ରାଧାକୃଷ୍ଣ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ପ୍ରାୟ ୫ଟା ୩୦ରେ ଏହି କାର୍ଯ୍ୟକ୍ରମ କରାଯାଇଥିଲେ। ଏଥିରେ କର୍ତ୍ତା ଭାବେ ପୂର୍ବତନ ସରପଞ୍ଚ ସତ୍ୟନାରାୟ ଦୋରା ଏବଂ ସ୍ଥାନୀୟ ବାସିନ୍ଦା ଅନନ୍ତ କୁମାର ମହାଙ୍କୁଡ ଓ ଧର୍ମପତ୍ନୀ ଟିଙ୍କି ମହାଙ୍କୁଡ ଦାୟିତ୍ୱ ତୁଲାଇ ଥିଲେ। ସେହିପରି ପୁରୋହିତ ଭାବେ କାଶୀନାଥ ମିଶ୍ର, ଦୁର୍ଗା ପ୍ରସାଦ ନନ୍ଦ ଏବଂ ଅମର ପ୍ରସାଦ ରଥ ବେଦ ମନ୍ତ୍ରପାଠ ହୋମ କରି ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ । ଜଣାଶୁଣା ସଙ୍କୀର୍ତ୍ତନ ମଣ୍ଡଳୀ ଗୁରୁ ଦନାର୍ଦନ ଭଦ୍ରିକାଙ୍କ ନେତୃତ୍ୱରେ ନାମ ସଙ୍କୀର୍ତ୍ତନ କରାଯାଇଥିଲା । ପ୍ରଥମେ ଶ୍ରୀ ଗଜାନନ ପୂଜା ଓ ପରେ ଶ୍ରୀ ବିଶ୍ୱକର୍ମାଙ୍କୁ ପୂଜା କରିବା ପରେ ମାତୃଗଣ ପୂଜା, ଶ୍ରୀ ଦୁର୍ଗାମାଧବ ପୂଜା, ସୂର୍ଯ୍ୟ ପୂଜା, ହୋମ, ଆରତୀ ଏବଂ ସମୁହ ପୁଷ୍ପାଞ୍ଜଳି କରି କ୍ଷମା ପ୍ରାର୍ଥନା କରିଥିଲେ । ମନ୍ଦିର ନିର୍ମାଣ ନିମନ୍ତେ ରାଜମିସ୍ତ୍ରୀ ଦ୍ରୋଣ ମହାରଣା ଉପସ୍ଥିତ ରହି ଭୂମି ପୂଜନ କାର୍ଯ୍ୟରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା, ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ନିର୍ମାଣ ନିମନ୍ତେ ବ୍ଲକର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

# ମୁନିଗୁଡ଼ାରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ, ସ୍ମାରକପତ୍ର



ତହସିଲଦାର ଏମ୍.ଅନୁରାଧାଙ୍କୁ ଦାବିପତ୍ର ଦିଆଯାଉଛି।

**ମୁନିଗୁଡା,୨୭।୪ (ନନ୍ଦ କିଶୋର ପଟ୍ଟନାୟକ)**

ଗୋ ସମ୍ମାନ ଦିବସ ପାଳନ ଅବସରରେ ମୁନିଗୁଡାରେ ଗୋ ସମ୍ମାନ ଅଭିଯାନ ସଂଗଠନର ପ୍ରଭାରୀ ମନୋଜ ପ୍ରଧାନ ଓ ଆଦିତ୍ୟ ବାହିନୀର ସମ୍ପାଦକ ସୁଧାକର ପାତ୍ରଙ୍କ ମିଳିତ ସଂଯୋଜନାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଗୋ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ତହସିଲଦାର କାର୍ଯ୍ୟାଳୟରେ ପହଞ୍ଚିଥିଲା। ପରେ ତହସିଲଦାର ଏମ୍.ଅନୁରାଧାଙ୍କ ସହ ଗୋସେବା, ସୁରକ୍ଷା ଓ ସମ୍ମାନ ଉପରେ ଆଲୋଚନା କରିବା ସହ ଏହାର ସୁରକ୍ଷା ନିମନ୍ତେ ହସ୍ତାକ୍ଷର ସମ୍ମିଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରର ଏକକିତା ନକଲ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଥିବା ମୁନିଗୁଡା ଆଦିତ୍ୟ ବାହିନୀର ସଭାପତି ଟଙ୍କଧର ଗାଜିବିଲି ସୂଚନା ଦେଇଥିଲେ।

ସ୍ମାରକପତ୍ର ପ୍ରଦାନ ବେଳେ ବଂଶୀଧର ନନ୍ଦ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ବେହେରା, ସୁବାସ ଗୌଡ଼, ଭୀମ ବେହେରା, ପ୍ରଦୀପ କୁମାର ସାହୁ, ବିଜୟ କୁମାର ପଣ୍ଡା, ସରୋଜ କୁମାର ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟାରେ ଗୋସେବକ ଉପସ୍ଥିତ ଥିଲେ। ଗୋ ସମ୍ମାନ ଆହ୍ୱାନ ଓ ଅଭିଯାନ ନୂତନ ଆଇନ ପ୍ରଣୟନ ଓ ଗୋ ଚାଲାଣ,ଗୋ ହତ୍ୟା ବନ୍ଦ ଏହାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଯାହାକୁ ମାତାର ମାନ୍ୟତା ଆମ ସଭ୍ୟତା ଦେଇଛି ତାକୁ ଆମ ସମାଜ ଅବହେଳା ଓ ମୃତ୍ୟୁର ଗହ୍ୱରକୁ ଠେଲି ଦେଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଣୁ ଏହାର ସୁରକ୍ଷା ପାଇଁ ସରକାରୀ ସହଯୋଗ, ସଚେତନତା ଓ ସାଧାରଣରେ ଆଗ୍ରହ ନିହାତି ଆବଶ୍ୟକ ବୋଲି କହିବା ସହ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଠାକୁରାଣୀଙ୍କ ଘଣ୍ଟ ପର୍ବରେ ଦେଶିଆ ନୃତ୍ୟ

**ଚନ୍ଦ୍ରପୁର, ୨୭।୪ (ବିଜୟ ପ୍ରସାଦ ଉଲାକା)**


ଶୋଭାଯାତ୍ରାରେ ଦେଶିଆ ନାଟ ପରିବେଷଣ କରାଯାଉଛି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦର ମହକୁମାରେ ଚାଲିଥିବା ମା' ଠାକୁରାଣୀଙ୍କ ଘଣ୍ଟ ପର୍ବର ଚତୁର୍ଥ ଦିନ ସୋମବାର ମା'ଙ୍କ ଘଣ୍ଟ ହାଣ୍ଡି ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ୭ ଜଣ ଯୁବତୀ ଘଣ୍ଟ ହାଣ୍ଡି ଧରି ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଏକ ପୁରାତନ ଆଞ୍ଚଳିକ ଦେଶିଆ ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ଗ୍ରାମର ମୁଖ୍ୟ ସହଯୋଗୀ ପୂଜକ ଆନନ୍ଦ ପାତ୍ର ଏବଂ ୨ ଜଣ ସକ୍ଷୀ ଶ୍ରୀକାନ୍ତ, ଲୋକନାଥ ମହିଳା ବେଶରେ ସଜ୍ଜିତ ହୋଇ ନୃତ୍ୟ କରିଥିଲେ। ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଆଉ ୨ ଦିନ ପରେ ଘଣ୍ଟ ପର୍ବ ଉଦ୍‌ଯାପିତ ହେବ ବୋଲି ଗ୍ରାମ ମୁଖିଆ ଭୋଳାନାଥ ପାତ୍ର ସୂଚନା ଦେଇଛନ୍ତି।

# ମାନସିକ ରୋଗୀଙ୍କ ପାଇଁ ଆଇନ ସଚେତନତା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଡାକ୍ତର।

**ରାୟଗଡ଼ା,୨୭।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଦାମୋଦର ରଥଙ୍କ ପରାମର୍ଶ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବ୍ଲକ ତାଡ଼ମା ପଞ୍ଚାୟତ ଅଫିସ ପରିସରରେ ମାନସିକ ରୋଗୀମାନଙ୍କ ଥିବା ନାଲସା ସ୍କିମ୍ ଉପରେ ସଚେତନତା କରାଯାଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟର ମାନସିକ ରୋଗ ବିଶେଷଜ୍ଞ ଡ. ରାକେଶ ପାଢୀ, ବନ ବିଭାଗ ରେଞ୍ଜର ଗଙ୍ଗାଧର ମିଶ୍ର, ଜିଲା ଆଇନ ସେବା ପ୍ରାଧିକରଣର ଫ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ, ତାଡମା ପଞ୍ଚାୟତ ପିଇଓ ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ । ସଚିବ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ମାନସିକ ରୋଗୀମାନଙ୍କ ପାଇଁ ଥିବା ନାଲସା ସ୍କିମ୍ ଉପରେ ଅଂଶଗ୍ରହଣକାରୀଙ୍କୁ ବୁଝାଇଥିଲେ। ରେଞ୍ଜର ଗଙ୍ଗାଧର ମିଶ୍ର ଜଙ୍ଗଲ ସୁରକ୍ଷା କରିବା ସହିତ ପଶୁମାନଙ୍କୁ କିପରି ସୁରକ୍ଷା କରିବା ସେ ଉପରେ ବୁଝାଇଥିଲେ । ମାନସିକ ରୋଗ ବିଶେଷଜ୍ଞ ରାକେଶ ପାଢୀ ନିଜର ବକ୍ତବ୍ୟରେ ମାନସିକ ରୋଗୀମାନଙ୍କ ପାଇଁ ଥିବା ସରକାରଙ୍କର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଜିଲା ଆଇନ୍ ସେବା ପ୍ରାଧିକରଣ ର ଫ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ ନିଜର ଅଭିଭାଷଣରେ ବିଭିନ୍ନ ଅସୁବିଧା ସମୟରେ ଜିଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଜନସାଧାରଣଙ୍କୁ କହିଥିଲେ ।

# ରାମନାଗୁଡ଼ା ବ୍ଲକ୍‌ରେ ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଗୁଣପୁର,୨୭।୪(ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସୋମବାର ରାମନାଗୁଡ଼ା ବ୍ଲକ ଗସ୍ତକରି ବିଭିନ୍ନ ସରକାରୀ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଜିଲାପାଳ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ବୁଲି ଦେଖିଥିଲେ। ପ୍ରଥମେ ରାମନାଗୁଡ଼ାରେ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ ପରିଦର୍ଶନରେ ଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଉଚ୍ଚ ଗୁଣବତ୍ତା ରକ୍ଷାକରି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହା ପରେ ନିର୍ମାଣାଧୀନ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ, ଛାତ୍ରାବାସ ଓ ଛାତ୍ରୀନିବାସର ଆବଶ୍ୟକ ଭିତ୍ତିଭୂମି ତଦାରଖ କରିବା ପରେ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଉଚ୍ଚ ଗୁଣବତ୍ତା ରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଗୁଣପୁର ଉପ ଜିଲାପାଳ ଅଭିଷେକ ଦୁଧାଲ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ,ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି।

# ଉଲ୍ଲେଖନୀୟ ଅବଦାନ ପାଇଁ ଦିଲୀପ କର ସମ୍ମାନିତ



କାର୍ଯ୍ୟକ୍ରମରେ ଅତିଥିମାନେ ଦିଲୀପ କରଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।

**ପଦ୍ମପୁର, ୨୭।୪ (ପ୍ରଶାନ୍ତ କୁମାର କର)**

କଟକସ୍ଥିତ ରାଜ୍ୟ କଳା ଗବେଷଣା ପ୍ରଶିକ୍ଷଣ ପରିଷଦ ଓ ଜୟଦେବ ସାଂସ୍କୃତିକ ବିକାଶର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପ୍ରତିଭା ପରିଚୟ ଓ ସମ୍ମାନ ଉତ୍ସବ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ନ୍ୟାୟମୂର୍ତ୍ତୀ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବି ନାରାୟଣ ବେହେରା, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠି ମୁଖ୍ୟବକ୍ତା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗି, ସୁବର୍ଣ୍ଣପୁର ଜିଲାପାଳ ନୃପରାଜ ସାହୁ ଓ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ପ୍ରମୁଖଙ୍କୁ 'ନବରତ୍ନ ସମ୍ମାନ 'ରେ ସମ୍ମାନିତ କରିତ୍ଲେ। ସେହିପରି ରାୟଗଡା ଜିଲା ପଦ୍ମପୁର ବ୍ଲକର ଗୁରୁବ୍ରହ୍ମା ଓ ମୁଖ୍ୟ ମନ୍ତ୍ରୀ ସମ୍ମାନ ପ୍ରଦ ଆଦର୍ଶ ଶିକ୍ଷକ ଦିଲୀପ କୁମାର କରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ ଯେ, ଦିଲୀପ କରଙ୍କ ବହୁମୁଖୀ ପ୍ରତିଭା ପାଇଁ ସେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ବହୁବାର ସମ୍ମାନିତ ହୋଇଛନ୍ତି। ସେହିପରି ଆସନ୍ତା ୨୯ରେ 'ଉତ୍କଳୀୟମ ଫାଉଣ୍ଡେସନ ଭାରତ' ତରଫରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୁଦ୍ଧିଜୀବି ଓ ପ୍ରତିଭା ସମ୍ମାନ -୨୦୨୬ ରେ ରାଜ୍ୟର ଶ୍ରେଷ୍ଠ ଆଦର୍ଶ ଶିକ୍ଷକ ସମ୍ମାନରେ ଦିଲୀପ କରଙ୍କୁ ସମ୍ମାନିତ କରାଯିବାକୁ ନିମନ୍ତ୍ରଣ କରାଯାଇଛି।

# ୪୨ ଜଣଙ୍କ ଦଖଲରେ ମରାଠିଗୁଡ଼ା-କପିଳପୁର ରାସ୍ତା

**ଗୁଣୁପୁର, ୨୭।୪ (ସଂକେତ ପାତ୍ର)**

ଗୁଣପୁର ସହରର ମରାଠିଗୁଡା-କପିଳପୁର ମଧ୍ୟରେ ଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଜବରଦଖଲ ଯୋଗୁ ଏହା ଅଣଓସରିଆ (ଗୁର୍ଜିଆ) ହୋଇପଡ଼ିଛି। ଦୀର୍ଘଦିନ ଧରି ଏହି ରାସ୍ତା ନିର୍ମାଣ ବା ମରାମତି ହେଉ ନ ଥିବାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ରାସ୍ତା ଜମିକୁ ଚାଷ ଜମି ସହ ମିଶାଇବା ସହ କୁଡିଆଠାରୁ ପକ୍କା ଘର ପର୍ଯ୍ୟନ୍ତ ନିର୍ମାଣ କରି ଦଖଲ କରିଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ଓ ରାୟଗଡା ଜିଲାପାଳଙ୍କୁ ଅଭିଯୋଗ ପରେ ପୌର ପରିଷଦ ଓ ତହସିଲ ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଇଥିଲା। ଦୁଇଟି ମୌଜାରେ ସରକାରୀ ରାସ୍ତା ଓ ନାଳ ଜମି ଉପରେ ମୋଟ ୪୨ ଜଣଙ୍କ ଜବରଦଖଲ ଥିବା ଚିହ୍ନଟ ହୋଇଛି। ରାଜସ୍ୱ ବିଭାଗ ଓ ପୌର ପରିଷଦର ନିରବତା ଯୋଗୁ ଏହି ଜବରଦଖଲ ବଢ଼ିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ଏହି ରାସ୍ତା ଗୁଣପୁର ସହର ପାଇଁ ଏକ ପ୍ରମୁଖ ସଂଯୋଗ ମାର୍ଗ ହେବା ସହ, କପିଳପୁର ମାର୍ଗରେ ରେଲୱେ ଷ୍ଟେଶନ, ପ୍ରସ୍ତାବିତ ରେଲୱେ ପ୍ରକଳ୍ପ ଓ ନୂତନ ବସ୍‌ଷ୍ଟାଣ୍ଡକୁ ଲୋକେ ଯାତାୟାତ କରିଥାନ୍ତି। ତେଣୁ ରାସ୍ତାକୁ ଜବରଦଖଲମୁକ୍ତ କରି ଶୀଘ୍ର ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ତେବେ ଫେବୃଆରୀ ୮ରେ ଜିଲାପାଳଙ୍କ ଗୁଣୁପୁର ଗସ୍ତ ସମୟରେ ଏହି ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଅନଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଅଭିଯୋଗ ପଠାଯାଇଥିଲା। ଏହାପରେ ପୌର ପରିଷଦ ଓ ତହସିଲ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରକାଶିତ ରିପୋର୍ଟ ଅନୁସାରେ, ମରାଠିଗୁଡା ମୌଜାରେ ୪.୩୬ ଏକର ରାସ୍ତା ଜମି ଉପରେ ୧୮ଟି ଘର ନିର୍ମାଣ ହୋଇଥିବା ବେଳେ, କପିଳପୁର ମୌଜାରେ ନାଳ ଜମି ଉପରେ ୨୪ଟି କୁଡିଆ ଥିବା ଚିହ୍ନଟ ହୋଇଛି। ଏହି ରିପୋର୍ଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଅବଗତ କରାଯାଇଛି ଓ ପରବର୍ତ୍ତୀ ପଦକ୍ଷେପ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ଗ୍ରହଣ କରାଯିବ ବୋଲି ପୌର ପରିଷଦର ନିର୍ବାହି ଅଧିକାରୀ ସନ୍ତୋଷ ନାୟକ କହିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ପ୍ରର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ଥିବା କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଏବେ ରିପୋର୍ଟ ପ୍ରକାଶ ପାଇବା ପରେ ଜବରଦଖଲ ହଟାଇବା ଓ ରାସ୍ତା ନିର୍ମାଣ ନେଇ ପ୍ରଶାସନ କେମିତି ପଦକ୍ଷେପ ନେବ ସେଥିପାଇଁ ସମସ୍ତଙ୍କ ନଜର ରହିଛି।

# ୬ ଦରଖାସ୍ତର ତୁରନ୍ତ ଶୁଣାଣିକରି ଫଇସଲାକଲେ ଜିଲାପାଳ

## ରାମନାଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଗୁଣପୁର,୨୭।୪ (ସୁଜାତା ପାଢ଼ୀ/ସଂକେତ ପାତ୍ର)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନାର ବାର୍ଲା, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀ, ରାମନାଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୪୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୩୫ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା। ଜିଲାପାଳ ୬ଟି ଦରଖାସ୍ତର ତୁରନ୍ତ ଶୁଣାଣିକରି ଶିବିରରେ ଫଇସଲା କରାଯାଇଥିଲା। ୫ ଜଣଙ୍କୁ ରେଡ୍‌କ୍ରସ୍‌ରୁ ୬୦,୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗ ଜିଲାପାଳ ଗ୍ରହଣ କରିବା ପରେ ଅଭିଯୋଗଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶିବିରରେ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, କନିଷ୍ଠ ମୋଟରଯାନ ନିରୀକ୍ଷକ ସଂଗ୍ରାମ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ରାସ୍ତା ଓ କୋଠାବାଡ଼ି କନିଷ୍ଠ ଯନ୍ତ୍ରୀ ମାନସ ନାହାକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲା ଅଭିଯୋଗ ଶୁଣାଣି ଅଧିକାରୀ ଶିବପ୍ରସାଦ ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।



ଜିଲାପାଳ ଏବଂ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

**ସଂକ୍ଷେପରେ**

## ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ନବରଙ୍ଗପୁର,୨୭।୪(ସଦାଶିବ ପ୍ରହରାଜ)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ମେ ୯ ତାରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହେବ। ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ଓ ଝରିଗାଁରେ ଥିବା କୋର୍ଟରେ ଏହି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କରାଯିବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା- ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଆଦି ମକଦ୍ଦମାର ସମାଧାନ କରାଯିବ। ଏହା ବ୍ୟତିତ ପ୍ରାକ ମକଦ୍ଦମାସ୍ତରୀୟ ମାମଲା ଆଦିର ସମାଧାନ କରାଯିବ। ସବିଶେଷ ବିବରଣୀ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର, ତାଲୁକ ଆଇନ ସେବା କମିଟି, ଉମରକୋଟ, ଚନ୍ଦାହାଣ୍ଡି ଓ ଝରିଗାଁ ସହ ତୁରନ୍ତ ଯୋଗାଯୋଗ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭୀପ୍ସା ଗୋଛାୟତ ସୂଚନା ଦେଇଛନ୍ତି। ଯୋଗାଯୋଗ ପାଇଁ ୧୫୧୦୦/ ୦୬୮୫୮-୨୨୨୪୪୫/ ୦୬୮୫୮-୨୨୨୫୪୫ ଜାରି କରାଯାଇଛି।

## କରେଣ୍ଟ ଲାଗି ଯୁବକ ମୃତ

ପାପଡ଼ାହାଣ୍ଡି, ୨୭।୪(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀରେ ସୋମବାର କରେଣ୍ଟ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମହେନ୍ଦ୍ର ପୂଜାରୀ। ଏ ନେଇ ଡାବୁଗାଁ ଥାନାରେ ଏତଲା ଦିଆଯାଇଛି। ସୂଚନା ପ୍ରକାରେ ମହେନ୍ଦ୍ରଙ୍କ ଘରେ ଟେଣ୍ଟ ହାଉସ ରହିଛି। ଗାଡିରେ ସେ ସବୁ ରଖାଯାଉଥିଲା। ଏକ ଲୁହା ପୋଲ ନେବା ବେଳେ ତାହା ବିଦ୍ୟୁତ୍ ତାରରେ ଲାଗିବାରୁ ତାଙ୍କୁ କରେଣ୍ଟ ଲାଗିଯାଇଥିଲା। ତାଙ୍କୁ ତୁରନ୍ତ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ କେସ ନମ୍ବର ୮୬/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସୁରଘୁଙ୍ଗୁର ସୁରାଞ୍ଜଳି କାର୍ଯ୍ୟକ୍ରମ

ଜୟପୁର, ୨୭।୪ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୀତାଞ୍ଜଳି କଲ୍ୟାଣ ମଣ୍ଡପରେ ସୁରଘୁଙ୍ଗୁର ଅନୁଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ୨୭ କଣ୍ଠଶିଳ୍ପୀ ଭାଗ ନେଇଥିଲେ। କୁନି ଛୁଆଙ୍କ ବାଦ୍ୟ ଯନ୍ତ୍ର ସହ ଗୀତ ଗାନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଆଗାମୀ ଦିନରେ ଅଧିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନ ମୁଖ୍ୟ ଧିରେନ ମୋହନ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମକୁ ଆକାଶବାଣୀ ଜୟପୁରର ବରିଷ୍ଠ ସ୍ୱର ସଂଯୋଜକ ବିଜୟ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଗୁରୁ ସୁବଳ ଚରଣ ବାଲା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିଳ୍ପୀ ପ୍ରଜ୍ଞା ପଣ୍ଡା ସଞ୍ଚାଳନା କରିଥିଲେ।

# ବିନା ଥଇଥାନରେ ଉଚ୍ଛେଦକୁ ବିରୋଧ

**ପୌରପାଳିକା ଘେରିଲା ଉଠାଦୋକାନୀ ସଂଘ**

ନବରଙ୍ଗପୁର, ୨୭।୪ (ସଦାଶିବ ପ୍ରହରାଜ)



ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀଙ୍କ ସହ ଉଠାଦୋକାନୀ ମହାସଂଘ ସଦସ୍ୟ ଓ ଭାଜପା ନେତାମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ଥାନୀୟ ତହସିଲ ଦ୍ୱାରା ମାପଚୁପ ପରେ ଉଠା ଦୋକାନୀମାନଙ୍କୁ ରାସ୍ତା ଅବରୋଧ ଖାଲି କରିବାକୁ ନୋଟିସ ଜାରି କରାଯାଇଥିଲା। ଆଦେଶ ଅବମାନନା ହେଲେ ଆସନ୍ତା ୨୯ ତାରିଖରେ ପୌର ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ବିନା ଥଇଥାନରେ ଜୀବିକା ଉଜୁଡିବା ସହ ୪୦୦ ପରିବାର ଭାତହାଣ୍ଡିରେ ଚଡକ ପଡ଼ିବା ପ୍ରତିବାଦରେ ସୋମବାର ପୌର କାର୍ଯ୍ୟାଳୟ ଘେରିଥିଲା ଉଠା ଦୋକାନୀ ସଂଘ କର୍ମକର୍ତ୍ତା ଓ ୩ ଶହରୁ ଊର୍ଦ୍ଧ୍ୱ ସଦସ୍ୟ। ସଂଘ ସଭାପତି ସୁଶାନ୍ତ ପାଣିଗ୍ରାହୀ, ସମ୍ପାଦକ ଜୟନ୍ତ କଚିମ ଓ ଉପସଭାପତି ରୋଶନ ବାଗଙ୍କ ନେତୃତ୍ୱରେ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ପୌରପାଳିକା ଘେରାଉ କରାଯାଇଥିଲା। ସଦସ୍ୟମାନେ ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କ ସହ ଆଲୋଚନା କରିଥିଲେ। ତେବେ ସାମୟିକ ଭାବେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରାଯାଇଥିବା ବେଳେ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି

ସଂଘ କର୍ମକର୍ତ୍ତାଙ୍କ ଅଭିଯୋଗ ଅନୁଯାୟୀ ତହସିଲ କର୍ମଚାରୀ ଓ ଦୋକାନୀ ଉଭୟ ପକ୍ଷଙ୍କ ଉପସ୍ଥିତିରେ ମାପଚୁପ କରା ନ ଯାଇ ଏକତରଫା ଭାବେ ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଧାରିତ ସମୟ ବଦଳରେ ସ୍ୱଳ୍ପ ଅବଧି ମଧ୍ୟରେ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଛି। ପୌରପାଳିକାର ଏତାଦୃଶ କାର୍ଯ୍ୟ ପ୍ରତିବାଦରେ ଉଠାଦୋକାନୀ ସଂଘ ଘେରାଉ କରିଥିବା ସଦସ୍ୟମାନେ କହିଛନ୍ତି। ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂର୍ବତନ ନଗରପାଳ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରହ୍ଲାଦ ତ୍ରିପାଠୀ, ଜିଲା ବଣିକ ସଂଘ ସଭାପତି ତଥା ବରିଷ୍ଠ ଭାଜପା ନେତା ମାନସ ରଞ୍ଜନ ଦାଶ ଓ ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ। ଉଠାଦୋକାନୀଙ୍କ ପରିବାର ସ୍ୱାର୍ଥ ଦୃଷ୍ଟିରୁ ସେମାନଙ୍କ ଥଇଥାନ ବ୍ୟବସ୍ଥା ପରେ ଉଚ୍ଛେଦ ବ୍ୟବସ୍ଥା ଆପଣେଇବାକୁ ଦାବି କରିଥିଲେ। ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରଖିବାକୁ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବାସହ ରାସ୍ତା ପାର୍ଶ୍ୱ ଡ୍ରେନ୍ ଉପରୁ ଦୋକାନ ହଟାଇବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜିଲାପାଳ ଓ ଉପଜିଲାପାଳଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି।

## ଆଲୋଚନା ପରେ ଜାନୀ ଜମି ବିବାଦ ସମାଧାନ

ନନ୍ଦାହାଣ୍ଡି, ୨୭।୪ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଧଣ୍ଡରା ପଞ୍ଚାୟତର ନରସିଂହଗୁଡ଼ା, ବିଞ୍ଜିଗୁଡ଼ା, ଧଣ୍ଡରା ଓ ଗୁରୁଜାନିଗୁଡ଼ା ମଧ୍ୟରେ ଜାନୀ(ପୂଜାରୀ) ଜମିକୁ ନେଇ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଲାଗିଥିବା କଳହର ସମାମଧାନ ହୋଇଛି। ସୋମବାର ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ ଓ ଅତିରିକ୍ତ ତହସିଲଦାର ବିଶ୍ୱଜତ୍ କର୍କରା ଉଭୟ ପକ୍ଷକୁ ଡାକି ଆଲୋଚନା କରାଇଥିଲେ। ଜାନୀ ଜମିକୁ ଧଣ୍ଡରା ଓ ଗୁରୁଜାନୀଗୁଡ଼ାର ପୂଜକମାନେ ଅସ୍ଥାୟୀ ଭାବେ ଭୋଗ କରିବେ। ଏଥିସହ ନରସିଂହଗୁଡ଼ା ଓ ବିଞ୍ଜିଗୁଡ଼ାର ପୂଜାରୀଙ୍କୁ ସମପରିମାଣର ଅନ୍ୟତ୍ର ଚାଷ ଜମି ତହସିଲ ବିଭାଗ ଯୋଗାଇ ଦେବ ବୋଲି ସ୍ଥିର ହୋଇଛି। ମଙ୍ଗଳବାର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଜଙ୍ଗଲ ଜମି ସୀମା ନିର୍ଦ୍ଧାରଣ କରାଯିବ। ଏହି ନିଷ୍ପତ୍ତିରେ ୪ ଗ୍ରାମର ଭଦ୍ରବ୍ୟକ୍ତି ଓ ରୟତ ସହମତି ପ୍ରକାଶ କରିବା ସହ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ।

ସୂଚନାନୁଯାୟୀ, ନନ୍ଦାହାଣ୍ଡି ବ୍ଲକ ଅଧୀନ ଧଣ୍ଡରା ପଞ୍ଚାୟତର ନରସିଂହଗୁଡ଼ା, ବିଞ୍ଜିଗୁଡ଼ା, ଧଣ୍ଡରା ଓ ଗୁରୁଜାନିଗୁଡ଼ା ମଧ୍ୟରେ ଜାନୀ(ପୂଜାରୀ) ଜମିକୁ ନେଇ କଳହ ଲାଗିଥିଲା। ଏ ନେଇ ପୋଲିସ ନିକଟରେ ଉଭୟ ପକ୍ଷ ଫେରାଦ ହୋଇଥିଲେ। ସମାଧାନ ନହେବାରୁ ଧୀରେ ଧୀରେ ଗାଁ ଗାଁ ମଧ୍ୟରେ କଳହ ତୀବ୍ରତର ହୋଇଥିଲା। ନରସିଂହଗୁଡା ଓ ବିଞ୍ଜିଗୁଡା ପକ୍ଷରୁ ଫତୱା ଜାରି କରି ବିପକ୍ଷ ଗାଁ ଦ୍ୱୟକୁ ବଜାର ବାଟ ବାସନ୍ଦ ପାଇଁ ପତ୍ର ଲଗାଇ ଥିଲେ। ପରବର୍ତ୍ତୀ ସମୟରେ ତହସିଲଦାର ମହାନନ୍ଦିଆ ଉଭୟ ପକ୍ଷକୁ ମାର୍ଚ୍ଚ ୨୪ ତାରିଖରେ ଡକାଇ ସମାଧାନ କରିଥିଲେ। ତେବେ ସମାଧାନ ହେବାର ୨ ଦିନ ପରେ ପୁଣି ଜାନି ଜମି ଓ ଗ୍ରାମ୍ୟ ଜଙ୍ଗଲ କାଠ କଟାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଧଣ୍ଡରାବାସୀ ଗ୍ରାମ୍ୟ ଜଙ୍ଗଲର ପୁନଃ ବିଚାର ପାଇଁ ତହସିଲଦାରଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। ଅଭିଯୋଗ ଆଧାରରେ ସୋମବାର ସମସ୍ତଙ୍କୁ ଡକାଇ ବୈଠକ କରାଯାଇଥିଲା।



୪ଗ୍ରାମର ଗ୍ରାମବାସୀଙ୍କ ସହ ତହସିଲଦାର ଓ ଅତିରିକ୍ତ ତହସିଲଦାର ଆଲୋଚନା କରୁଛନ୍ତି।

# ୨୦ରୁ ୩ ଅଭିଯୋଗର ତୁରନ୍ତ ସମାଧାନ



ସହାୟତା ପାଇଥିବା ଦିବ୍ୟାଙ୍ଗଙ୍କ ସହ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ନବରଙ୍ଗପୁର,୨୭।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।ଏହି ଜନଶୁଣାଣି ଶିବିରରେ ମୋଟ ୨୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୫ ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା। ଜିଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୪ ଟି ହୁଇଲ ଚେୟାର ପ୍ରଦାନ କରାଯାଇଛି।

## ନବରଙ୍ଗପୁରରୁ ଦମ୍ପତି ପାଇଲେ ରାଜ୍ୟସ୍ତରୀୟ ଓଡିଶା ସ୍କାର୍ଟ ସମ୍ବର୍ଦ୍ଧନା

ତେନ୍ତୁଲିଖୁଣ୍ଟି, ୨୭।୪(ଚିଦାନନ୍ଦ ସାହୁ)

କଟକରେ କଳାବିକାଶ କେନ୍ଦ୍ରରେ ରବିବାର ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶାର ୨୬ତମ ରାଜ୍ୟସ୍ତରୀୟ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ ପାଳନକରାଯାଇଛି। ଏହି ଅବସରରେ ନବରଙ୍ଗପୁରରୁ ଏକ ଦମ୍ପତି ଓଡିଶା ସ୍କାର୍ଟ ସମ୍ମାନ ପାଇଛନ୍ତି। ସେମାନେ ହେଲେ ଡ. ସୁଶୋଭିତା ମେରିଲିନ ତୁର୍କଓ ଆନନ କୁମାର ଭତ୍ରା ନୋଡାଲ ସରକାରୀ ଶିବପ୍ରସାଦ ଉଚ୍ଚ ବିଦ୍ୟାଳୟ, ଦିଗିସାଲପା କଳା ଶିକ୍ଷୟିତ୍ରୀ ସୁଶୋଭିତା ଏକଧାରାରେ ଜଣେ କବି, ଲେଖିକା, ସଂଯୋଜିକା ଉପସ୍ଥାପିକା। ସେ ବ୍ଲକରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନେକ ମଞ୍ଚ ସଂଯୋଜନା କରି ସୁନାମ ଅର୍ଜନ କରିଥିବାରୁ



ତାଙ୍କୁ ଓଡିଶା ସ୍କାର୍ଟ ସମ୍ମାନ (କବୟିତ୍ରୀ)ରେ ସମ୍ବର୍ଦ୍ଧିତ କରାଯାଇଛି। ଆନନ କୁମାର ପି ଏମ ଶ୍ରୀ ସରକାରୀ ବାପୁଜୀ ମାଧମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ। ତାଙ୍କ ଅଧ୍ୟକ୍ଷତାରେ ସ୍କୁଲ ଭଲ ରେଜଲଟ କରିବା ସହ ଜିଲାରୁ ରାଜ୍ୟ ଓ କେନ୍ଦ୍ରସ୍ତର ପର୍ଯ୍ୟନ୍ତ ନୃତ୍ୟ, ବକ୍ତୃତା, ବିଜ୍ଞାନ ମେଳା ଓ ବିଦ୍ୟାଳୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମରେରେ ଅନେକ ସୁନାମ ଆଣିଛନ୍ତି । ତାଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍କାର୍ଟ ଓଡ଼ିଶା ସଭାପତି କଳାଭୂଷଣ, ଡ. ପ୍ରଶାନ୍ତ କର ଓ କର୍ମକର୍ତ୍ତା ମଣ୍ଡଳୀଙ୍କୁ ଉଭୟ ଦମ୍ପତି ସାଧୁବାଦ ଜଣାଇଛନ୍ତି।

# ଗୋସୁରକ୍ଷା ନେଇ ଦାବିପତ୍ର

ଡାବୁଗାଁ/ରାଇଘର, ୨୭।୪
(ପ୍ରଜ୍ଞାରଞ୍ଜନ ପରିଡ଼ା/କିରଣ ପଟ୍ଟନାୟକ)

ବିଶ୍ୱ ହିନ୍ଦୁ ପରିଷଦର ପକ୍ଷରୁ ଗୋସୁରକ୍ଷା ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନବରଙ୍ଗପୁର ଜିଲାର ଡାବୁଗାଁ ଓ ରାଇଘର ତହସିଲଦାରଙ୍କୁ ପ୍ରଦାନ କକରାଯାଇଛି। ଗୋ-ମାତାଙ୍କୁ ଉପଯୁକ୍ତ ଅନୁସନ୍ଧାନ ଓ ଅନୁଦାନ, ଭାରତରୁ ଗୋହତ୍ୟା ବନ୍ଦ, ଓ ଗୋ-ସୁରକ୍ଷା ଆଇନ ଆଣିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି।

ଡାବୁଗାଁରେ ତହସିଲଦାର ଗୀତା ମୁର୍ମୁ ଦାବିପତ୍ର ଗ୍ରହଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱ ହିନ୍ଦୁ ପରିଷଦର ବ୍ଲକ ସଭାପତି ସପନ ଦେ, ସମ୍ପାଦକ କୈଳାସ ସିଂଲାଲ, କୋଷାଗୁମୁଡ଼ା ଓ ଡାବୁଗାଁ ବ୍ଲକ ପାଳକ ଅଧିକାରୀ ଭଗବାନ ମହାନ୍ତି, ଲକ୍ଷ୍ମୀକାନ୍ତ ରଥ, ସୁରେଶ ସାମଲ, ଫୁଲସିଂ ଜାନୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ରାଇଘର ଅତିରିକ୍ତ ତହସିଲଦାର ମୌସୁମୀ ସଜନ ଓ ରାଇଘର ଥାନାଧିକାରୀଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱ ହିନ୍ଦୁ ପରିଷଦ ବ୍ଲକ ସଭାପତି କିରଣ ପଟ୍ଟନାୟକ, ବଜରଙ୍ଗ ଦଳ ସଭାପତି ବିକେନ୍ଦ୍ର ଶ୍ରୀବସ୍ତାବ, କୋମଲ ସିଂ ରାଜପୁତ, କ୍ରିଷ୍ଣ କସାରିୟା ପ୍ରମୁଖ ଅନେକ ସଭ୍ୟ ଉପସ୍ଥିତ ଥିଲେ।



ରାଇଘର ଅତିରକ୍ତ ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

# ଅପହରଣ, ଲୁଟ୍ ମାମଲାରେ ୫ ଗିରଫ

ଜୟପୁର,୨୭।୪(ପବନ ପାଣିଗ୍ରାହୀ)

ଅପହରଣ ଓ ଲୁଟ ମାମଲାରେ ଜୟପୁର ଟାଉନ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମକାପୁଟର ରଞ୍ଜିତ ହରିଜନ, ଗଡ଼ପଦର ଅଞ୍ଚଳର ନବୀନ ହରିଜନ, ଖରୀମୁଣ୍ଡି ଅଞ୍ଚଳର ନବୀନ ଗଣ୍ଡ, ପଲିଗୁଡାର ଆକାଶ ଗୌଡ଼ ଓ ଉମୁରିର ନରେଶ ହରିଜନ। ମଧ୍ୟପ୍ରଦେଶ ଅଞ୍ଚଳର ୨ଜଣ ଯୁବକଙ୍କୁ ଅପହରଣ ସହ ଲୁଟ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ରବିବାର ଦୁର୍ବୃତ୍ତମାନେ ବସ୍‌ଷ୍ଟାଣ୍ଡ ପାଖ ଏକ ପେଟ୍ରୋଲ ପମ୍ପ ନିକଟରୁ ୨ଜଣଙ୍କୁ ଅପହରଣ କରି ସଦର ଥାନା ଅନ୍ତର୍ଗତ ପଲିଗୁଡା ଆମ୍ବ ତୋଟାରେ ଲୁଚାଇ ରଖିଥିଲେ। ସେମାନଙ୍କ ପରିବାର ଲୋକଙ୍କୁ ୧ ଲକ୍ଷ ଟଙ୍କା ମାଗିଥିଲେ। କୌଶଳ କ୍ରମେ ୧୧ହଜାର ଟଙ୍କା ଦେଇ ୨ଜଣ ଖସି ଚାଲିଆସିଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନାଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି ।

# ସପ୍ତାହ ମଧ୍ୟରେ ରାୟ ଅନୁଯାୟୀ କାର୍ଯ୍ୟ କରିବା ନିର୍ଦ୍ଦେଶ

ନବରଙ୍ଗପୁର,୨୭।୪
(ସଦାଶିବ ପ୍ରହରାଜ)

**ଶିକ୍ଷକଙ୍କୁ ନିଲମ୍ବନ, ଇନକ୍ରିମେଣ୍ଟ ବନ୍ଦ କରିଥିଲେ ନନ୍ଦାହାଣ୍ଡି ପୂର୍ବତନ ବିଇଓ**

- **ନ ମାନିଲେ ଆଇନ ଅନୁଯାୟୀ ଦଣ୍ଡିତ ହେବା ନେଇ ହାଇକୋର୍ଟ ନିର୍ଦ୍ଦେଶ**

ଜଣେ ଶିକ୍ଷକଙ୍କ ବିରୋଧରେ ବିନା ଦୋଷରେ ମାମଲା ରୁଜୁ, ନିଲମ୍ବନ ଓ ବାର୍ଷିକ ବର୍ଦ୍ଧିତ ଦରମା ବନ୍ଦ କରିବା ନେଇ ନନ୍ଦାହାଣ୍ଡି ତତ୍କାଳୀନ ବିଇଓ ଶ୍ରୀକାନ୍ତ ଜାନୀଙ୍କୁ ମହଙ୍ଗା ପଡ଼ିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ନେଇ ତତ୍କାଳୀନ ନନ୍ଦାହାଣ୍ଡି ବରିଷ୍ଠ ବିଇଓ (ବର୍ତ୍ତମାନ ନବରଙ୍ଗପୁର ଏଡିଇଓ ଏବଂ ନନ୍ଦାହାଣ୍ଡି ଭାରପ୍ରାପ୍ତ ବିଇଓ)ଙ୍କୁ ସପ୍ତାହ ମଧ୍ୟରେ ନେଇଥିବା ପଦକ୍ଷେପ ରିପୋର୍ଟ ଦେବା ସହିତ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଖିଲାପ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ହେଇଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ବି. ମଲିଗୁଡ଼ା ଉନ୍ନୀତ ଉଚ୍ଚବିଦ୍ୟାଳୟର ଶିକ୍ଷକ ଅଶ୍ୱିନୀ କୁମାର ଜଣେ ଛାତ୍ରକୁ ମାଡ଼ ମାରିବା ଯୋଗୁ ସମ୍ପୃକ୍ତ ଛାତ୍ରଙ୍କୁ ଶୁଭୁନଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପ୍ରାଥମିକ ତଦନ୍ତ ନକରି ସିଧାସଳଖ ଶିକ୍ଷକ ପ୍ରଧାନଙ୍କୁ ବିଇଓ ଜାନି ନିଲମ୍ବନ କରିବା ସହିତ ବାର୍ଷିକ ବର୍ଦ୍ଧିତ ଦରମା ବନ୍ଦ କରିଥିଲେ। ନ୍ୟାୟ ପାଇଁ ଶିକ୍ଷକ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ନବରଙ୍ଗପୁର ପୋଲିସ ଓ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନବରଙ୍ଗପୁର ପୋଲିସ ତଦନ୍ତ ରିପୋର୍ଟ ୧ମେ ୨୦୨୫ରେ ଓ ୯ ମେରେ ଆଇନ ସେବା ପ୍ରାଧିକରଣ ଆଡଭୋକେଟ୍ ଜେନେରାଲଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ଛାତ୍ରଙ୍କୁ ଶିକ୍ଷକ ମାଡ ମାରିଥିବା ଅଭିଯୋଗ ମିଥ୍ୟା ବୋଲି ଜଣା ପଡ଼ିବା ପରେ ମେ ୧୫ରେ ହାଇକୋର୍ଟ ଅପରାଧିକ ମାମଲାକୁ ରଦ୍ଦ କରିଥିଲେ। ୮ ସପ୍ତାହ ମଧ୍ୟରେ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର ସହ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଗଲା। କିନ୍ତୁ ଉଦ୍ଦେଶ୍ୟ ମୂଳକଭାବେ ବର୍ଦ୍ଧିତ ଦରମା ବନ୍ଦ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ନେଇ ଶିକ୍ଷକ ପ୍ରଧାନ ପୁଣି ହାଇକୋର୍ଟ ଦ୍ୱାରସ୍ଥ ହେଲେ। ଏନେଇ ହାଇକୋର୍ଟ ଅବମାନନା ମାମଲା ନମ୍ବର ୧୬୪୨/୨୪.୪.୨୦୨୬ ଅନୁଯାୟୀ ୭ ଦିନ ମଧ୍ୟରେ ପୂର୍ବ ଆଦେଶ ମୁତାବକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଇଓ ଜାରି କରିବା ପରେ ହାଇକୋର୍ଟଙ୍କୁ ୧୦ ଦିନ ମଧ୍ୟରେ ମେଲ୍ ମାଧ୍ୟମରେ ଜଣାଇବାକୁ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅବମାନନା କଲେ ୧୫.୫.୨୦୨୬ ତାରିଖରେ ବ୍ୟକ୍ତିଗତ ଭାବେ ହଜାର ହେବେ। ଅନ୍ୟଥା ଅଦାଲତ ଅବମାନନା ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଏଡିଇଓ ଶ୍ରୀକାନ୍ତ ଜାନିଙ୍କୁ ପଚାରିବାରୁ ନିଲମ୍ବନ ପ୍ରତ୍ୟାହାର ହୋଇଥିଲା। ବିଭାଗୀୟ ଶୃଙ୍ଖଳା ଗତ କାର୍ଯ୍ୟନୁଷ୍ଠାନ ପାଇଁ ଚିଠି ହୋଇଥିଲା। ଏନେଇ ଇଂକ୍ରିମେଣ୍ଟ ହୋଇନଥିଲା। ତେବେ ଏଯାଏ କୋର୍ଟ ପକ୍ଷରୁ କୌଣସି ନିର୍ଦ୍ଦେଶ କିମ୍ବା ନୋଟିସ ପାଇନଥିବା ସେ କହିଛନ୍ତି।

# ଅଙ୍କାବଙ୍କା ହୋଇଯାଉଛି ରାସ୍ତା, ଡ୍ରେନ୍

ତେନ୍ତୁଲିଖୁଣ୍ଟି, ୨୭।୪(ଚିଦାନନ୍ଦ ସାହୁ)

**ରାସ୍ତା ପ୍ରଶସ୍ତୀକରଣ ପାଇଁ ଖର୍ଚ୍ଚ କରାଯାଉଛି ଲକ୍ଷଲକ୍ଷ ଟଙ୍କା**



ତିଆରି ଚାଲିଥିବା ରାସ୍ତା।

ନବରଙ୍ଗପୁର ଜିଲା ମୁଖ୍ୟାଳୟରୁ ଇନ୍ଦ୍ରାବତୀ ପ୍ରକଳ୍ପ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ୨ ପର୍ଯ୍ୟାୟରେ ଚାଲିଛି। ଗମନାଗମନ ବ୍ୟବସ୍ଥାକୁ ସୁଗମ ଓ ଡ୍ରେନେଜ ବ୍ୟବସ୍ଥା ସୁଧାର ଆଣିବା ପାଇଁ ଅର୍ଥ ବ୍ୟୟ ହେଉଛି। କିନ୍ତୁ ରାସ୍ତା ପ୍ରଶସ୍ତ ହେବ କଣ ଅଙ୍କାବଙ୍କା କରି ତିଆରି କରାଯାଉଥିବା ଅଭିଯୋଗ ଉଠୁଛି। ରାଜସ୍ୱ ବିଭାଗର ସହଯୋଗ ଅଭାବକୁ ଲୋକେ ଦାୟୀ କରୁଛନ୍ତି। ଠିକା ସଂସ୍ଥା ମଧ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ଶେଷ କରିବା ପାଇଁ ଯେନତେନ ପ୍ରକାରେ ଚେଷ୍ଟା କରୁଛି। ପ୍ରକଳ୍ପଠାରୁ ରାସ୍ତା ହସ୍ତାନ୍ତର ପରେ ଦୁଇ ଥର ମରାମତି ହେଲା ରାସ୍ତାରେ କିଛି ବାଧକ ନଥିଲା। ଏବେ କିନ୍ତୁ ପ୍ରକଳ୍ପ ମୁଖ୍ୟ କାର୍ଯ୍ୟାଳୟରୁ ପେଟ୍ରୋଲ ବଙ୍କ ପର୍ଯ୍ୟନ୍ତ ରାସ୍ତା ଘରୋଇ ଜମି ବୋଲି ସେତିକି ସ୍ଥାନରେ କାମ ବନ୍ଦ ରହିଛି। ପରଜାବାରଙ୍ଗପଦର ପଞ୍ଚାୟତ ଓ ଗୌଡ଼ଦେଓପାଲି ଯିବାକୁ ଏହି ରାସ୍ତା ହିଁ ଭରଷା। ସମସ୍ୟା ସମାଧାନ ନ କରି ରାଜସ୍ୱ ବିଭାଗ ନୀରବ ରହୁଥିବା ଅଭିଯୋଗ ହୋଇଛି।

ଇନ୍ଦ୍ରାବତୀରେ ଡ୍ରେନେଜ କାର୍ଯ୍ୟ ଯେଉଁ ଭଳି ହୋଇଛି ସମୀକ୍ଷା କଲେ ତ୍ରୁଟି ପରିଲକ୍ଷିତ ହେବ। ବର୍ଷା ହେଲେ ରାସ୍ତା ପାଣି ଡ୍ରେନ୍‌କୁ ଯିବା ଭଳି ବ୍ୟବସ୍ଥା ନାହିଁ। ଡିଜାଇନ୍ ସର୍କଲ କାର୍ଯ୍ୟାଳୟରୁ ପୋଲିସ ଷ୍ଟେସନ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ଅଧାପନ୍ତରିଆ। ରାଜସ୍ୱ ବିଭାଗ ଏବଂ ପାନୀୟ ଜଳ ଯୋଗାଣ ବିଭାଗର ଅସହଯୋଗ ଯୋଗୁ କାମରେ ବାଧାଥିବା କୁହାଯାଉଛି। ଠିକା ସଂସ୍ଥା ସୁବିଧାବାଦୀ ନୀତି ଆପଣାଇ ଡ୍ରେନ୍ ଅଙ୍କା ବଙ୍କା କରୁଛି ତ କେଉଁଠି ଅଧରେ ଛାଡି ଦେଇଛି। ଗୋଟିଏ ପାର୍ଶ୍ୱ ଡ୍ରେନ୍ ନିର୍ମାଣ ଟେଣ୍ଡରରେ ମୂଳରୁ ନ ଥିବା ଜଣାପଡ଼ିଛି। ବିଦ୍ୟୁତ ଖୁଣ୍ଟ ଓ ବୃକ୍ଷ ଆଳରେ ଠିକା ସଂସ୍ଥା ରାସ୍ତା ଦରଖଣ୍ଡିଆ ତ କରୁଛି ଆଉ କେଉଁଠି ନିଜ ସୁବିଧା ଅନୁଯାଇ ଡ୍ରେନେଜକୁ କାହା ଦୋକାନ ଗୃହ ପଛ ପାଖ ଦେଇ ଅଙ୍କାବଙ୍କା କରି ତିଆରି କରୁଛି। ବିଭାଗୀୟ ଯନ୍ତ୍ରୀ ମଧ୍ୟ ଡ୍ରେନେଜ ବ୍ୟବସ୍ଥାରେ ଜଳ ନିଷ୍କାସନକୁ ଗୁରୁତ୍ୱ ନ ଦେଇ ଏକ ପ୍ରକାରେ କାର୍ଯ୍ୟ ସାରୁଥିବା ଅଭିଯୋଗ ହୋଇଛି। ଇନ୍ଦ୍ରାବତୀ ବଜାରରେ ହୋଇଥିବା ସମ୍ପୂର୍ଣ୍ଣ ଡ୍ରେନେଜ ରାସ୍ତାରୁ ଏକ ଫୁଟ ତଳେ ରହିଛି। ବର୍ଷା ପାଣି ଡ୍ରେନ ମଧ୍ୟକୁ ଯିବାକୁ ରାସ୍ତା ଛଡ଼ାଯାଇନାହିଁ । ସ୍ଥାନୀୟ ତାରିଣୀ ମନ୍ଦିର ଛକ ନିକଟରେ ସିଧା ଆସିଥିବା ଡ୍ରେନକୁ ବୃକ୍ଷ ଆଳରେ ହଠାତ ମୋଡିଦେଇ ସରକାରୀ ଜାଗାରେ ଥିବା ଜଣେ ବ୍ୟବସାୟୀଙ୍କ ଷ୍ଟଲ ପଛ ପାଖ ଦେଇ ଅଙ୍କାବଙ୍କ କରି ନିଆଯାଇଥିବା ଲୋକେ କହିଛନ୍ତି। ସ୍ଥାନୀୟ ପୋଡ଼ଗଡ଼ ଛକ ନିକଟରେ ଜଣେ ବ୍ୟବସୟୀଙ୍କୁ ଉକ୍ତ ସ୍ଥାନରୁ ହଟିବା ପାଇଁ ବାଧ କରାଯାଉଥିବା ବେଳେ ଅନ୍ୟ ବ୍ୟବସାୟୀଙ୍କ ସୁବିଧା ପାଇଁ ଷ୍ଟଲ ପଛ ପାଖରେ ଡ୍ରେନ ନିର୍ମାଣ ବିଭାଗର ପକ୍ଷପାତିତା ମନୋଭାବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରନ୍ତୁ ବୋଲି ଦାବି ହୋଇଛି। ଏନେଇ ଅଧିକ୍ଷଣ ଯନ୍ତ୍ରୀ ଇଂ କେ. କନ୍ଧପାଣଙ୍କୁ ପଚାରିବାରୁ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ। କନିଷ୍ଠ ଯନ୍ତ୍ରୀ ଇଂ ଅରବିନ୍ଦ ପାଢ଼ୀଙ୍କୁ ପଚାରିବାରୁ ସବୁ ଠିକ ଥିବା କହି କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏକ ସ୍ଥାନରେ ଗଛ ଥିବାରୁ ଡ୍ରେନ ବଙ୍କେଇ ନେବାକୁ ପଡୁଛି ବୋଲି ମତ ଦେଇଛନ୍ତି।

# ପ୍ରଶାସନକୁ ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇବା ଲକ୍ଷ୍ୟ: ଜିଲାପାଳ

## ଖଇରପୁଟରେ ଯୁଗ୍ମ ଜନଶୁଣାଣି

ମାଲକାନଗିରି,୨୭।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ପୋଡ଼ାଘାଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ବନଖଣ୍ଡ ଅଧିକାରୀ ସାଇକିରଣ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଶିବିରକୁ ଅତିରିକ୍ତ ଜିଲାପାଳ ପ୍ରୀତମ ଦେବତା ପରିଚାଳନା କରିଥିଲେ। ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୬୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା।


ଶିବିରରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

ସେଥିରେ ୧୦ଟି ବ୍ୟକ୍ତିଗତ ଏବଂ ୫୯ଟି ଗ୍ରାମଭିତ୍ତିକ ସମସ୍ୟା ରହିଥିଲା।

ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏଥିରେ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ମଧୁବାବୁ ପେନ୍‌ସନ ଯୋଜନାରେ ନୂତନ ଭତ୍ତା ମଞ୍ଜୁର, ଜମି ପଟ୍ଟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯାଇଥିଲା। ପ୍ରଶାସନକୁ ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ। ଏହାଦ୍ୱାରା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରୀ ସେବାର ସୁଫଳ ପାଇପାରିବେ ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଅନ୍ୟପକ୍ଷେ ପ୍ରଶାସନକୁ ନିଜ ଦୁଆରମୁହଁରେ ପାଇ ପୋଡ଼ାଘାଟ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଖୁବ୍ ଉତ୍ସାହିତ ହୋଇଥିଲେ। ପୂର୍ବରୁ ସାମାନ୍ୟ କାମ ପାଇଁ ଜିଲା ସଦର ମହକୁମାକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ ବଡ଼ ବଡ଼ ଅଧିକାରୀ ଗାଁକୁ ଆସି ସମସ୍ୟା ଶୁଣୁଥିବାରୁ ସେମାନେ ଅନେକ ସମୟ ଓ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଅନୁରୂପ ଭାବେ ଅନ୍ୟାନ୍ୟ ବ୍ଲକ୍‌ରେ ମଧ୍ୟ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମାରେ ଅତିରିକ୍ତ ଜିଲାପାଳ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ହୋଇଥିଲା।

# ପୋଖରୀରୁ ମୃତଦେହ ଜବତ


ଅଗ୍ନିଶମ ବାହିନୀ ପାଣିରୁ ମୃତଦେହ ଉଦ୍ଧାର କରୁଛି।

ମାଲକାନଗିରି, ୨୭।୪(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲା ସଦର ମହକୁମାର ଭୈରବୀ ମନ୍ଦିର ନିକଟରେ ଥିବା ଏକ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସୋମବାର ଦମକଳ ବାହିନୀ ଜବତ କରିଛି। ମୃତକ ହେଲେ ଜିଲା ସଦର ୮ ନମ୍ବର ୱାର୍ଡର ଅର୍ଜୁନ ପଟ୍ଟନାୟକ। ତେବେ ସେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଥିଲେ।

ଅର୍ଜୁନ ଅଫିସରୁ ଫେରି ଅପରାହ୍ନରେ ନିଜ ପୋଖରୀ ନିକଟକୁ ବୁଲି ଯାଇଥିଲେ। ଦୀର୍ଘସମୟ ଧରି ସେ ଘରକୁ ଫେରି ନ ଥିବା ବେଳେ ପୋଖରୀରେ ଜଣେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ପୋଖରୀରେ ଅର୍ଜୁନଙ୍କ ମୃତଦେହ ଭାସୁଥିବା ପରିବାର ଲୋକେ ଜାଣିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଖରୀଟି ତାଙ୍କ ନିଜର ହୋଇଥିବା ହେତୁ ସେ ଅନେକ ସାମୀରେ ପୋଖରୀକୁ ଆସିଥାନ୍ତି, ତେବେ ପୂର୍ବରୁ ତାଙ୍କର ବିଭିନ୍ନ ଶାରୀରିକ ଅସୁସ୍ଥତା ଥିବାବେଳେ କୌଣସି କାରଣରୁ ସେ ପୋଖରୀ ମଧ୍ୟରେ ପଡି ଯାଇ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଲକାନଗିରି ଆଦର୍ଶ ଥାନା ପୋଲିସ ମର ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗୋ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା


ଗୋସୁରକ୍ଷା ନେଇ ବାହାରିଥିବା ଶୋଭାଯାତ୍ରା।

ଗୁଡ଼ାରୀ,୨୭।୪ (ପ୍ରମୋଦ କୁମାର ପତି )

ଗୁଡ଼ାରୀରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଦ୍ୱାରା ସୋମବାର ଗୋସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦାବି ନେଇ ଶତାଧିକ ଗୋ ସେବକ ଓ ବୁଦ୍ଧିଜୀବୀ ଗାନ୍ଧୀନଗର ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ମୁଖ୍ୟତଃ ରାଜ୍ୟ ଓ ଦେଶରେ ଦିନକୁ ଦିନ ବଢୁଥିବା ଗୋ ହତ୍ୟା ଓ ବେଆଇନ ଗୋ ଚାଲାଣ ସମ୍ପୂର୍ଣ ବନ୍ଦ କରିବା ସହ ଗୋ ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ କଡା ଆଇନ ଆଣିବାକୁ ଦାବି ହୋଇଥିଲା। ଏହି ଅବସରରେ ରାଷ୍ଟ୍ରପିତ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଏ ସ୍ନେହଲତାଙ୍କୁ ଏକ ଦାବିପ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ପ୍ରାୟ ୧୯୨୦ ଗୋ ସେବକଙ୍କ ଦସ୍ତଖତ ରହିଛି। କାର୍ଯ୍ୟକ୍ରମରେ କୋରଡ଼ା ଶ୍ରୀନିବାସ, ବାରଟି ତିରୁମାଲା, ରଞ୍ଜନ ରଥ, ରଘୁନନ୍ଦନ ସାହୁ, ଗଣପତି ଶବର, ସୀମାଦ୍ରୀ ତିରୁମାଲାଙ୍କ ସମେତ ବହୁ ଗୋ ସେବକ ଉପସ୍ଥିତ ଥିଲେ।

# ପଞ୍ଚାୟତିରାଜ ଦିବସରେ ପୋଡ଼ଘାଟା ସରପଞ୍ଚ ପୁରସ୍କୃତ

ମାଲକାନଗିରି, ୨୭।୪ (ଦୁର୍ଯ୍ୟୋଧନ ପାତ୍ର)

ପଞ୍ଚାୟତିରାଜ ଦିବସରେ ମାଲକାନଗିରି ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଖଇରପୁଟ ବ୍ଲକ୍ ଅନ୍ତର୍ଗତ ପୋଡ଼ଘାଟା ଗ୍ରାମପଞ୍ଚାୟତ ସରପଞ୍ଚ ଗୁର ମଲଲୀଙ୍କୁ ପୁରସ୍କୃତ କରିଛନ୍ତି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଉଲ୍ଲେଖନୀୟ ଶ୍ରମ ଦିବସ ସୃଷ୍ଟିକରି ଲୋକଙ୍କୁ କାମଧନ୍ଦା ଯୋଗାଇଥିବାରୁ ପୋଡ଼ଘାଟ ସରପଞ୍ଚ ମଲଲୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶ ଥାଉକି, ଉକ୍ତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଡକାମି, ଜିଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ପୋଡ଼ଘାଟ ପଞ୍ଚାୟତର ସମିତି ସଭ୍ୟା ରାଧିକା କାଲାକୁରା, ନାଏବ ସରପଞ୍ଚଙ୍କ ସମେତ ସମସ୍ତ ୧୧ ଗୋଟି ୱାର୍ଡ ସଭ୍ୟାସଭ୍ୟ ଓ କର୍ମଚାରୀମାନେ ପଞ୍ଚାୟତର ଏହି ବିଶିଷ୍ଟ ଉପଲବ୍ଧି ପାଇଁ ସରପଞ୍ଚ ଗୁର ମଲଲୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।


ଜିଲାପାଳ ସରପଞ୍ଚ ଗୁର ମଲଲୀଙ୍କୁ ପୁରସ୍କୃତ କରୁଛନ୍ତି।

# ବୁଲା ଗୋରୁ, କୁକୁରଙ୍କୁ ଖାଦ୍ୟ ବଣ୍ଟନ



ମାଲକାନଗିରି ୟୁଥ୍ ଟିମ୍ ।

ମାଲକାନଗିରି, ୨୭।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାଠାରେ ସହରର ବିଭିନ୍ନ ସ୍ଥାନରେ ବୁଲା ଗୋରୁ ଓ କୁକୁରଙ୍କୁ ଖାଦ୍ୟ ବଣ୍ଟନ କରି ମାନବିକତାର ପରିଚୟ ଦେଇଛନ୍ତି ମାଲକାନଗିରି ୟୁଥ୍ ଟିମ୍। ଏହି ଯୁବ ଟିମ୍‌ରେ ମୋଟ ୪୫୦ ସଦସ୍ୟ ରହିଛନ୍ତି। ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ସମସ୍ତେ ଏକାଠି ହୋଇ ଏହି ମହାନ୍ କାର୍ଯ୍ୟରେ ସହ ଭାଗୀଦାର ହୋଇଛନ୍ତି। ପ୍ରତ୍ୟେକ ସପ୍ତାହରେ ସମସ୍ତଙ୍କଠାରୁ କିଛି ଅର୍ଥରାଶି ଏକାଠିକରି ସ୍ୱେଚ୍ଛାସେବା କାର୍ଯ୍ୟରେ ଖର୍ଚ୍ଚ କରିବା ମାଲକାନଗିରି ୟୁଥ୍ ଟିମ୍‌ର ପ୍ରୟାସ ରହିବ। ଆଗାମୀ ଦିନରେ ଗରିବ ଅସହାୟ ତଥା ନିରୀହ ଲୋକଙ୍କୁ ମଧ୍ୟ ସହାୟତାର ହାତ ବଢାଇବେ ବୋଲି ୟୁଥ୍ ଟିମ୍ ପକ୍ଷରୁ ସମସ୍ତ କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଏଭଳି ଅନେକ କାର୍ଯ୍ୟ ହାତକୁ ନେଇ ଗରିବ ଲୋକଙ୍କୁ ସେବା ଯୋଗାଇ ମାଲକାନଗିରି ୟୁଥ୍ ଟିମ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି।

# ଗୋ ହତ୍ୟା ବନ୍ଦ ଦାବିରେ ସଂକୀର୍ତ୍ତନ



ଗୋ ପ୍ରେମୀମାନେ ସଂକୀର୍ତ୍ତନ ଶୋଭାଯାତ୍ରା କରୁଛନ୍ତି ।

ବନ୍ଧୁଗାଁ,୨୭।୪(ବେଣୁଧର ଲାବାଲା)

ଗୋ ମାତାଙ୍କୁ 'ରାଷ୍ଟ୍ରମାତା' ଭାବେ ଘୋଷଣା କରିବା ଓ ଗୋ ହତ୍ୟା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଦାବିରେ କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତ୍ରୀନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ସଂକୀର୍ତ୍ତନ ଯାତ୍ରା ବାହାରିଥିଲା। ଶତାଧିକ ଗୋ ପ୍ରେମୀ ଓ ସ୍ଥାନୀୟ ଶ୍ରଦ୍ଧାଳୁ ସଂକୀର୍ତ୍ତନ ମାଧ୍ୟମରେ ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବନ୍ଧୁଗାଁ ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ସହ ଗୋ ସମ୍ମାନ ପାଇଁ ସଂଗୃହୀତ ହଜାର ହଜାର ଦସ୍ତଖତକୁ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ।

# ଗୋ ସୁରକ୍ଷା ନେଇ ବୈଠକ, ଶୋଭାଯାତ୍ରା

ତେନ୍ତୁଲିଖୁଣ୍ଟି, ୨୭।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ସଦରରେ ସୋମବାର ଗୋ ସୁରକ୍ଷା ସଂଘ କର୍ମକର୍ତ୍ତାମାନେ ସ୍ଥାନୀୟ ଶିବ ମନ୍ଦିରରେ ବ୍ରଜବନ୍ଧୁ ବିଶୋୟୀଙ୍କ ନେତୃତ୍ୱରେ ଏକ ବୈଠକ କରିଥିଲେ। ପରେ ଗୋ ସୁରକ୍ଷା ସଭ୍ୟ ମୃତ୍ୟୁଞ୍ଜୟ ସିଂ, ଭାଜପା ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ସୁବାଷ ନାୟକ, ଧରଣୀଧର ସିଂ ପ୍ରମୁଖଙ୍କ ନେତୃତ୍ୱ ରେ ଏକ ପଟୁଆରରେ କୀର୍ତନ ସହ ବିଭିନ୍ନ ସ୍ଲୋଗାନ ଦେଇ ପଦଯାତ୍ରା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଗୋ ସୁରକ୍ଷା ପାଇଁ ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟଙ୍କୁ ଗୋ ସୁରକ୍ଷା ପାଇଁ ଆଲୋଚନା କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗାଈ ଗୋରୁ ସୁରକ୍ଷା , ଗୋ ଚାଲାଣ ଓ ଗୋ ହତ୍ୟା ବନ୍ଦ ନେଇ ଆଇନ ଆଣିବାକୁ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନବେଳେ ବନମାଳୀ ଜାନି, ଷ୍ଟାଲିନ ସାହୁ, ଭୁଜ ଗୌଡ଼ଙ୍କ ସହ ବହୁ କର୍ମକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ।



ଗୋସୁରକ୍ଷା ବାର୍ତ୍ତା ନେଇ ବାହାରିଥିବା ଶୋଭାଯାତ୍ରା।

# ମହିଳା ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ସୁନାବେଡ଼ା,୨୭।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଉଷାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତି ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଉପକୁଳପତି ନୃସିଂହଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପରିଶ୍ରମ କଲେ ନିଶ୍ଚିତ ଫଳ ପାଇବ, ଉଦ୍ୟମ ଓ ପରିଶ୍ରମ ଜାରି ରଖିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସତ୍ୟନିଷ୍ଠ ଓ ଜ୍ଞାନ ସଫଳତାର ଚାବିକାଠି ବୋଲି କହିଛନ୍ତି। ଏହି ଅବସରରେ କଲେଜ ଅଧ୍ୟକ୍ଷା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ତଥା କ୍ରୀଡ଼ା, ସାହିତ୍ୟ ଓ ସଂସ୍କୃତି ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବାସନ୍ତୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କଲେଜର ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଗୋ ସମ୍ପଦ ରକ୍ଷା ନେଇ ବାଇକ୍ ଶୋଭାଯାତ୍ରା


ଗୋପାଳ ଗୋ ସେବା ସମିତି ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

ଜୟପୁର,୨୭।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ମହର୍ଷି ସାନ୍ଦିପନି ଗୋଶାଳା ଗୋପାଳ ଗୋ ସେବା ସମିତି ଦ୍ୱାରା ଗୋ ସମ୍ପଦ ରକ୍ଷା ପାଇଁ ଏକ ବାଇକ୍ ଶୋଭାଯାତ୍ରା ସୋମବାର କରାଯାଇଛି। ଶୋଭାଯାତ୍ରା ରାଜାନଅରଠାରୁ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ତହସିଲଦାର ସବ୍ୟସାଚୀ ଜେନାଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଗୋ ସମ୍ମାନ, ସୁରକ୍ଷା ଦେବା, ପ୍ରତି ଗ୍ରାମରେ ଗୋ ଶାଳା କରିବା, ଗୋ ଚାଲାଣ ଗୋ ହତ୍ୟା ବନ୍ଦ କରିବା, ଏପ୍ରିଲ୨୭କୁ ଗୋ ସମ୍ମାନ ଦିବସ ଭାବେ ପାଳନ କରିବା, ସମଗ୍ର ଭାରତ ବର୍ଷରେ ଗୋ ହତ୍ୟା ସମ୍ପୂର୍ଣ୍ଣ ସମାପ୍ତ କରିବା ଏବଂ ଗୋ ମାତାକୁ ରାଷ୍ଟ୍ରସ୍ତରୀୟ ସମ୍ମାନ ଦେବା ଆଦି ଦାବି ରହିଛି। ଶୋଭାଯାତ୍ରାରେ ଗୋ ରକ୍ଷକ ପ୍ରକାଶ ନାୟକ, ବାବୁ ଭାଇ ବଜରଙ୍ଗି, କୃଷ୍ଣ କେଶବ ଷଡଙ୍ଗି, କେ. କିରଣ କୁମାର, ନିରଞ୍ଜନ ପାଣିଗ୍ରାହୀ, ଲଳିତ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଶିଶୁଭବନରେ ନୂତନ ଜୀବନ ପାଇଲେ ଶିଶୁକନ୍ୟା

■ ପେଟ ଓ ମଳଦ୍ୱାରକୁ ମାଡ଼ିଯାଇଥିଲା ମାଂସପିଣ୍ଡୁଳା
■ ଅସ୍ତ୍ରୋପଚାର ପରେ ବାହାରିଲା ନେଫ୍ରୋବ୍ଲାଷ୍ଟମା ଟ୍ୟୁମର

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଜଣେ ୩ ବର୍ଷୀୟା ଶିଶୁକନ୍ୟାଙ୍କ ଶରୀରରୁ ନେଫ୍ରୋବ୍ଲାଷ୍ଟମା ନାମକ ଟ୍ୟୁମର ଅସ୍ତ୍ରୋପଚାର କରାଯାଇ ବାହାର କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଏହି ଅସ୍ତ୍ରୋପଚାର କରାଯାଇଥିବାବେଳେ ପ୍ରାୟ ୩ କେଜିର ଟ୍ୟୁମର କଢ଼ାଯାଇଛି। ଶିଶୁଜଣକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ସେ ମଙ୍ଗଳବାର ଡିସ୍‌ଚାର୍ଜ ହେବେ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ସୂଚନା ମୁତାବକ, ୬ମାସ ପୂର୍ବେ କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳର ନକୁଳ ହେନ୍ତୁଳଙ୍କ ୩ ବର୍ଷୀୟା ଝିଅର ହଠାତ୍ ଶରୀର ଅସୁସ୍ଥ ହେବା ସହ ପେଟ ଫୁଲିବାକୁ ଲାଗିଥିଲା। ଶିଶୁଟିର ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ନକୁଳ କଟକ ଶିଶୁଭବନକୁ ଆଣିଥିଲେ। ପେଡିଆଟ୍ରିକ୍ ସର୍ଜରି ବିଭାଗର ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଜାରି ରହିଥିଲା। ଅଧିକ ଯନ୍ତ୍ରଣା ହେବାରୁ ଗତ ମାର୍ଚ୍ଚ ୨୮ରେ ଶିଶୁକୁ ଉକ୍ତ ବିଭାଗରେ ଭର୍ତ୍ତି କରାଯାଇଥିଲା। ସମସ୍ତ ପରୀକ୍ଷା ନିରୀକ୍ଷାରୁ ଶିଶୁର ପେଟ ଓ ମଳଦ୍ୱାରରେ ଟ୍ୟୁମର ମାଡ଼ିଯାଇଥିବା ଜଣାପଡ଼ିବାରୁ ଏପ୍ରିଲ ୧୩ରେ ଅସ୍ତ୍ରୋପଚାର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଡା. ଅବିନାଶ କୁମାର ପଣ୍ଡା, ଡା. କିରଣ କୁମାର କର, ଡା. ବିଜୟ କୁମାର ମେହେର, ଆନାସ୍ଥେସିଆ ବିଭାଗ ଡା. ଦେବବ୍ରତ ପଣ୍ଡା ଅସ୍ତ୍ରୋପଚାର ନିୟୋଜିତ ଥିବାବେଳେ ଶିଶୁଭବନ ଅଧିକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସହଯୋଗ କରିଥିଲେ। ୭ଘଣ୍ଟା ଧରି ଅସ୍ତ୍ରୋପଚାର ଚାଲିଥିଲା ଓ ପରେ ଶିଶୁଟିକୁ ସର୍ଜିକାଲ ୱାର୍ଡରେ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଥିଲା। ଶିଶୁଟି ୧୪ ଦିନ ଚିକିତ୍ସିତ ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛି। ଏନେଇ ବିଭାଗୀୟ ମୁଖ୍ୟ ଡା. ତ୍ରିପାଠୀ କହିଛନ୍ତି, ଏହା ଏକ ବିରଳ ଅସ୍ତ୍ରୋପଚାର। ଏଭଳି ଟ୍ୟୁମର ପ୍ରାୟତଃ ୨ରୁ ୪ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ପ୍ରାୟତଃ ଶିଶୁପୁତ୍ରମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଏହାକୁ ଏକ କର୍କଟ ରୋଗ ବୋଲି ମଧ୍ୟ କୁହାଯାଏ, କିନ୍ତୁ ଏହି ଟ୍ୟୁମର କଢ଼ାଯିବା ପରେ କେମୋ ନେବା ଦ୍ୱାରା ବିପଜ୍ଜନକ ହୋଇ ନ ଥାଏ। ଅସ୍ତ୍ରୋପଚାର ପରେ ଏବେ ଶିଶୁକନ୍ୟାଟି ସାଧାରଣ ଶିଶୁଙ୍କ ପରି ଖାଦ୍ୟ ଖାଇପାରିବ। ବର୍ତ୍ତମାନ ସମ୍ପୃକ୍ତ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସେ ପ୍ରକାଶ କରିଛନ୍ତି।


ଶିଶୁକନ୍ୟା ସହ ଅସ୍ତ୍ରୋପଚାରରେ ସାମିଲ ଥିବା ଡାକ୍ତରମାନେ।

## ସଂକ୍ଷେପରେ

### ଜୟପୁରରେ ଲକ୍ଷ୍ମୀନୃସିଂହଙ୍କ ଚନ୍ଦନ ବେଶ



ଜୟପୁର,୨୭।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର କଣ୍ଡରା ସାହିର ଲକ୍ଷ୍ମୀ ନୃସିଂହ ମନ୍ଦିରରେ ବଡ ଏକାଦଶୀ ଅବସରରେ ସ୍ୱତନ୍ତ୍ର ନୀତିକାନ୍ତି ଜାରି ରହିଛି। ଭକ୍ତ ଲକ୍ଷ୍ମୀନୃସିଂହଙ୍କୁ ଚନ୍ଦନ ବେଶରେ ଦର୍ଶନ କରିଛନ୍ତି। ସ୍ୱତନ୍ତ୍ର ଭୋଗ, ଆଳତୀ କରାଯାଇଥିବା ମନ୍ଦିର ମୁଖ୍ୟ ପୂଜକ ସୁନିଲ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଚନ୍ଦନ ବେଶରେ ଦର୍ଶନ କଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

### ଭଞ୍ଜ ସଂସଦ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ



ସୁନାବେଡା,୨୭।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ହାଲ୍ ସହରାଞ୍ଚଳରେ ଥିବା ଭଞ୍ଜ ସଂସଦ ପକ୍ଷରୁ ସହରାଞ୍ଚଳର ଜଗନ୍ନାଥ ମାର୍କେଟରେ ଏକ ଜଳଛତ୍ର ଖୋଲାଯାଇଛି। ଖରା ଓ ଗରମକୁ ଦୃଷ୍ଟିରେ ରଖି ସଂସଦର କର୍ମକର୍ତ୍ତା ସ୍ଥାନୀୟ ଜଳଛତ୍ର ଆୟୋଜନ କରିଥିଲେ। ଏଥିରେ ବଜାର ତଥା ରାସ୍ତା ଯିବା ଲୋକଙ୍କୁ ଦହି ଓ ବିଭିନ୍ନ ସର୍ବତ ବାଣ୍ଟିଥିଲେ। ଅନେକ ବର୍ଷ ହେବ ଭଞ୍ଜ ସଂସଦ ପକ୍ଷରୁ ଏପରି ଜଳଛତ୍ର ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂସଦ ପକ୍ଷରୁ କୁହାଯାଇଛି।

### ବନ୍ଧୁଗାଁ ବ୍ଲକରେ ଯୋଗଦେଲେ ନୂତନ ବିଡିଓ

ବନ୍ଧୁଗାଁ,୨୭।୪
(ବେଣୁଧର ଲାବାଲା)



କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ଅସିତ୍ କୁମାର ମହାନ୍ତି କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ଯାଜପୁର ଜିଲାର ବରି ବ୍ଲକରେ କାର୍ଯ୍ୟରତ ଥିଲେ। ପୂର୍ବତନ ବିଡିଓ ମିନତୀ ଜଗଦେବ ଶୁକ୍ରବାର ତହସିଲଦାର ସୋନାଲି ପାତ୍ର ଦାୟିତ୍ୱ ଦେଇଥିଲେ। ତହସିଲଦାର ପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ହେଡ କ୍ଲର୍କ ସଞ୍ଜୀବ ସାଉନ୍ତା, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ଏଏଇ ସୌରଭ ନାୟକ, ଜିପିଡିଓ ଅମିତ ଅକ୍ଷୟ କୁମାର ପ୍ରଧାନ, ସପ୍ଲାଏ ଇନ୍ସପେକ୍ଟର ଅରବିନ୍ଦ ମହାରଣା, ଏ ଇ ମହେଶ୍ୱର ପାତ୍ର, ଯନ୍ତ୍ରୀ ମନୋଜ ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଡିଓ ଅଗ୍ନି ଗଙ୍ଗାମା ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ୧୩ ମାସ ମଧ୍ୟରେ ବ୍ଲକ ବିକାଶମୂଳକ କାମକୁ ପ୍ରାଥମିକତା ଦେଇ ଆଗକୁ ନେବାକୁ ବିଡିଓ କହିଛନ୍ତି।

### ଦୃଷ୍ଟିବାଧିତ ଦେବେ ଓପିଏସ୍‌ସି ପରୀକ୍ଷା

ଦାମନଯୋଡି,୨୭।୪(ନରସିଂହ ବ୍ରହ୍ମା)

ଜଣେ ଆଜନ୍ମ ଦୃଷ୍ଟିବାଧିତ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଓପିଏସ୍‌ସି ପରୀକ୍ଷା ଦେବେ। କୋରାପୁଟ ଜିଲା ସୁନାବେଡା ଡିପି କ୍ୟାମ୍ପର ଶଙ୍କର ନାୟକ ଦାମନଯୋଡି ଭେଜାପୁଟ ବଜାରକୁ କିଛି କାମ ଉଦ୍ଦେଶ୍ୟରେ ଆସିଥିଲେ। ବାପା ବାଳକୃଷ୍ଣ ନାୟକ ଓ ମା' ସୂର୍ଯ୍ୟମଣି ନାୟକଙ୍କ ଚତୁର୍ଥ ସନ୍ତାନ ଶଙ୍କର ପ୍ରଥମରୁ ଦଶମ ଶ୍ରେଣୀ କୋରାପୁଟସ୍ଥିତ ମୂକବଧିର ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। କୋରାପୁଟ ଡିଏଭି କଲେଜରେ ଯୁକ୍ତ ୨ ଓ ସୁନାବେଡା ଏସି କଲେଜରୁ ଯୁକ୍ତ ୩ ସାରିବା ପରେ ଇତିହାସରେ ସ୍ନାତକୋତ୍ତର ହାସଲ କରିଛନ୍ତି। ଜନ୍ମରୁ ଦେଖି ନ ପାରୁଥିଲେ ମଧ୍ୟ ଗୋଟିଏ ପରେ ଗୋଟେ ସଫଳତା ହାସଲ କରିପାରିଛନ୍ତି। ଜୁନ ମାସରେ ହେବାକୁ ଥିବା ଓପିଏସ୍‌ସି ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି କରୁଥିବା ଶଙ୍କର କହିଛନ୍ତି। ଏଥିରେ ତାଙ୍କ ପରିବାର ଲୋକେ ସହଯୋଗ କରୁଥିବା ସେ କହିଛନ୍ତି। ନିଜର ଦୃଢ଼ ଇଚ୍ଛା ଶକ୍ତି ଓ ଉଦ୍ୟମ ନ ଥିଲେ କୌଣସି କାର୍ଯ୍ୟ ସଫଳ ହେବ ନାହିଁ ବୋଲି କହିଛନ୍ତି। ସମାଜର କିଛି ଉନ୍ନତି କରିବା ଲକ୍ଷ୍ୟ ନେଇ ସେ ଏହାକୁ ଚୟନ କରିଥିବା କହିଛନ୍ତି।

# ୩ ଦିନରେ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ

ବୈପାରିଗୁଡ଼ା,୨୭।୪(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅଫିସ୍ ସଭାଗୃହରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ଏସ୍‌ପି ରୋହିତ ବର୍ମା, ସିଡିଓ ବେଣୁଧର ଶବର, ଜୟପୁର ଉପଜିଲାପାଳ ଯଦୁମଣି ନାୟକ, ପିଆଇଟିଡିଏ ତୃପ୍ତି ବରାଇ, ସ୍ଥାନୀୟ ଭାରପ୍ରାପ୍ତ ବିଡିଓ ଶକ୍ତିମହାପାତ୍ର, ତହସିଲଦାର ସ୍ନିଗ୍ଧା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

#### ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଶିବିରରେ ମୋଟ ୪୯ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୧୯ ସାମୂହିକ ଓ ୩୦ ବ୍ୟକ୍ତିଗତ ସମସ୍ୟା ଥିଲା। ବ୍ଲକ ସଦର ମହକୁମାର ମୁଖ୍ୟ ଛକରେ ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ୩ ଦିନ ମଧ୍ୟରେ ସମାଧାନ କରିବାକୁ ଜିଲାପାଳ ସ୍ଥାନୀୟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜଣେ ବ୍ୟକ୍ତିଙ୍କୁ ରାତିସାରା ଅଟକ ପରେ ପୋଲିସ ଜିମା

#### ହାଟଶୁକୁ ଖଡ଼ିମାଟି ଅଞ୍ଚଳରେ ଉତ୍ତେଜନା

ନନ୍ଦପୁର,୨୭।୪(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ଲମତାପୁଟ ବ୍ଲକ କୁମାରଗନ୍ଧନା ପଞ୍ଚାୟତ ହାଟଶୁକୁ ଖଡ଼ିମାଟି(ଚାଇନା କ୍ଲେ) ଅଞ୍ଚଳରେ ୩ ବର୍ଷ ପରେ ଖଡ଼ିମାଟି ଖନନ ପାଇଁ ସଏଲ ଟେଷ୍ଟ କରିବା ଓ ହାଟଶୁକୁ ଗ୍ରାମକୁ କେତେକ ଲୋକ ଆସି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗଣଗୋଳ ସୃଷ୍ଟି କରୁଥିବା ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ରାତିସାରା ଅଟକ ରଖି ସୋମବାର ପୋଲିସ ଜିମାରେ ଦେଇଛନ୍ତି। ନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରିଛି। ଘଟଣାର ପୁନରାବୃତ୍ତି ନ କରିବାକୁ ଯୁବକଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପରେ ଯୁବକଙ୍କୁ ଛାଡ଼ିଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨୦୦୩ରେ ଖଣି ବିଭାଗ ହାଟଶୁକୁ ଖଡ଼ିମାଟି ସତ୍ୱ ପି. ଲକ୍ଷ୍ମଣ ସ୍ୱାମୀଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ୨୦୨୨ରେ ଖଡ଼ି ମାଟି ଖନନ ବେଳେ ଖାଦାନରୁ ଖାର ପାଣି ବାହାରି ପାର୍ଶ୍ୱରେ ଥିବା ୫ ଗ୍ରାମର ଜମି ନଷ୍ଟ କରୁଥିବା ଦର୍ଶାଇ ହାଟଶୁକୁ, ମାଳିଖୁଡୁବି, ପରଜା ଖୁଡୁବି, ହିଙ୍ଗେଇପୁଟ ଓ ହରିଆମୁଣ୍ଡା ଗ୍ରାମବାସୀ ଖନନକୁ ବିରୋଧ କରିଥିଲେ। ସେହି ସମୟରେ ଜଣେ ପୋଲିସ ଅଧିକାରୀଙ୍କୁ ଆକ୍ରମଣ, ଖନନ କାର୍ଯ୍ୟରେ ନିଯୁକ୍ତ ଜେସିପି ମେସିନ ଅଟକ ରଖାଯାଇଥିଲା। ଏଥିଯୋଗୁ ଖଣି ସ୍ୱାଧିକାରୀ ଖଡ଼ିମାଟି ଖନନ ବନ୍ଦ କରିଥିଲେ। ଖଣି ଲିଜଧାରି ମାଟି ଖନନ କରିବାକୁ ଆଗ୍ରହ ପ୍ରକାଶ କରି ବର୍ତ୍ତମାନ ସଏଲ ଟେଷ୍ଟ କରିବାକୁ ଦଳ ପଠାଇଥିଲେ। କିଛି ଗ୍ରାମବାସୀ ସପକ୍ଷରେ ଓ ଅନ୍ୟ କିଛି ବିରୋଧ କରିଥିଲେ। ସଏଲ୍ ଟେଷ୍ଟ ପାଇଁ ଯାଇଥିବା ମେଶିନ ଓ ଦଳ ଫେରି ଆସିଥିଲେ ବୋଲି କୋରାପୁଟ ଖଣି ଉପନିର୍ଦ୍ଦେଶକ ପି.କେ ନାୟକ ସୂଚନା ଦେଇଛନ୍ତି। କିନ୍ତୁ କାର୍ଯ୍ୟ ତଦାରଖ ପାଇଁ ନିଯୁକ୍ତ ସ୍ୱାଧିକାରୀଙ୍କ ୩ ଜଣ ଲୋକ ରବିବାର ରାତିରେ ହାଟଶୁକୁ ଗ୍ରାମକୁ ଯାଇ ବିରୋଧ କରୁଥିବା ଲୋକଙ୍କ ସହ ଗଣ୍ଡଗୋଳ କରିଥିଲେ। ଗ୍ରାମବାସୀ ଏକତ୍ର ହେବାରୁ ୨ ଜଣ ଫେରାର ହୋଇଯାଇଥିଲେ। ଜଣେ ଯୁବକ ବିନୟ କୁମାରଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖଣି ଲିଜଧାରି ନିଜେ ଆସି ୫ ଖଣ୍ଡ ଗ୍ରାମବାସୀଙ୍କ ସହ ସହ ଆଲୋଚନା କରନ୍ତୁ। ଖନନ ବେଳେ ସୃଷ୍ଟି ସମସ୍ୟାର ସମାଧାନ କରି ଖଣି ଖନନ କରିବାକୁ ଲୋକେ କହିଛନ୍ତି।

### ଶିବିରରେ ରାସ୍ତା ମରାମତି, କଲଭର୍ଟ ନିର୍ମାଣ ଦାବି

ସୁନାବେଡ଼ା/ସେମିଳିଗୁଡ଼ା,୨୭।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଗୁଣ୍ଠାପୁଟ ପଞ୍ଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଯସ୍ମିନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୋଟ ୬ ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଏବିଡିଓ ବସନ୍ତ ବେହେରା, ବିଏସ୍‌ଏସ୍‌ଓ ଟି. ସୁରଭି, ବିପିସି ପେଶା ପ୍ରମୋଦ ଖିଲ, ବିପିଏ ସୁନୀଲ ଗରଡା, ସରପଞ୍ଚ ବଳଭଦ୍ର ବୋରା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ପଞ୍ଚାୟତ ଅଧୀନ ପୋଡାପଦର, ପଣସପୁଟ ଓ ହାଡ଼ିଗୁଡ଼ା ଗାଁ ରାସ୍ତା ମରାମତି କରିବାକୁ ନେଇ ଅଭିଯୋଗ ହୋଇଛି। ପୋଡ଼ାପଦର ଗାଁରେ ସିସି ଡ୍ରେନ୍ ନିର୍ମାଣ ପାଇଁ ଅଭିଯୋଗ ହୋଇଛି। ବଡ଼ ଚୋରି ଗାଁରେ ସଦର ମଣ୍ଡପ ମରାମତି ଓ ଏକ କଲଭର୍ଟ ନିର୍ମାଣ କରିବାକୁ ଅଭିଯୋଗ କରାଯାଇଛି। ସମସ୍ତ ବିଭାଗୀୟ ଅଧିକାରୀ ସରକାରୀ ଯୋଜନା ନେଇ ଲୋକଙ୍କୁ ବୁଝାଇଥିଲେ।

### ଉପାସନା ପତ୍ରିକା ଉନ୍ମୋଚିତ

କୋରାପୁଟ,୨୭।୪(ଅମିତାଭ ବେହେରା)

କୋରାପୁଟରେ ମାତୃଭୂମି ଓ ମାତୃଭାଷା ପରିବାର କୋଟିଆ ଶାଖା ପକ୍ଷରୁ ତ୍ରୈମାସିକ ପତ୍ରିକା ଉପାସନାର ଉନ୍ମୋଚନ ଓ କୋଟିଆ ସମସ୍ୟା ସମ୍ପର୍କିତ ଆଲୋଚନା ଚକ୍ର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାର ବନବାସୀ ସଂସ୍କୃତି ଗବେଷକ ଡ. ଜଗବନ୍ଧୁ ସାମଲ ଓ ପ୍ରାକ୍ତନ ଲୋକପ୍ରିୟ ଜିଲାପାଳ ଗଦାଧର ପରିଡା ଯୋଗଦେଇଥିଲେ। ଆମ କୋଟିଆ ସଙ୍ଗଠନର ଆବାହକ ପ୍ରାକ୍ତନ ଜିଲାପାଳ ପରିଡା କୋଟିଆ ସମସ୍ୟାର ମୂଳ ଉତ୍ସ ଓ ସମାଧାନ ଉପରେ ଆଲୋଚନା କରିଥିଲେ। କୋଟିଆର ସୁରକ୍ଷା ପାଇଁ ସବୁ ସ୍ତରରୁ ଉଦ୍ୟମ ହେବା ଉଚିତ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ପ୍ରଭାବୀ ପଦକ୍ଷେପ ରହୁ ନଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ମାତୃଭୂମି ଓ ମାତୃଭାଷା ପରିବାରର ଆବାହକ ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡିର କବୟିତ୍ରୀ ସ୍ନିଗ୍ଧା ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଭବାନୀପାଟଣାର ଅଧ୍ୟାପିକା ଡ. କଲ୍ୟାଣୀ ମିଶ୍ର ଅତିଥି ପରିଚୟ ଦେଇଥିଲେ। କବି ରାଜେନ୍ଦ୍ର କୁମାର ରଥ ପତ୍ରିକା ଉନ୍ମୋଚନ ଓ ଏହାର ଡିଜିଟାଲ ପ୍ରଦର୍ଶନରେ ସହଯୋଗ କରିଥିଲେ। ଅଧ୍ୟାପିକା ସନ୍ତୋଷିନୀ ମୁଣ୍ଡା ଧନ୍ୟବାଦ ଦେଇଥିଲେ।

# ୧୦ ଗ୍ୟାସ୍ ସିଲିଣ୍ଡର ଜବତ କଲା ଯୋଗାଣ ବିଭାଗ

ସୁନାବେଡା/ସେମିଳିଗୁଡ଼ା,୨୭।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ ସୁନାବେଡା ଓ ସେମିଳିଗୁଡ଼ା ସହରର ବିଭିନ୍ନ ହୋଟେଲରେ ଚଢ଼ାଉ କରି ୧୦ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ଟିମ ସୁନାବେଡା ଟ୍ରାଫିକ ଛକ ନିକଟ ଏକ ହୋଟେଲରେ ବେଆଇନ ଭାବେ ଗଚ୍ଛିତ ୫ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ସେମିଳିଗୁଡ଼ା ଟ୍ରାଫିକ ଛକ ନିକଟ ଏକ ହୋଟେଲରୁ ଆଉ ୫ ସିଲିଣ୍ଡର ଜବତ କରିଥିବା ଜଣାପଡିଛି। ସୁନାବେଡା ଓ ସେମିଳିଗୁଡ଼ା ସହରରେ ଘରୋଇ ଗ୍ୟାସ୍ ସିଲିଣ୍ଡର କଳାବଜାରୀକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା। ହିତାଧିକାରୀମାନେ ଠିକ୍ ସମୟରେ ଗ୍ୟାସ୍ ନ ପାଇ ହଇରାଣ ହେଉଥିବା ଅଭିଯୋଗ ହେଉଛି। କେତେକ ଅସାଧୁ ବ୍ୟବସାୟୀ ଘରୋଇ ଗ୍ୟାସ୍‌ର କଳାବଜାରି କରୁଥିବା ନଜିର ରହିଛି। ଏ ନେଇ ଖବର ପ୍ରକାଶ ପାଇଛି। ଏହା ଦୈନିକ ଜାରି ରହିଥିବା ଜିଲା ଯୋଗାଣ ବିଭାଗ ଏସିଏସଓ ଖଗେଶ୍ୱର ପଣ୍ଡା କହିଛନ୍ତି। ହୋଟେଲ ନାମରେ କଳାବଜାରି କରି ବେଆଇନ ଘରୋଇ ଗ୍ୟାସ୍ ଗଚ୍ଛିତ ଉପରେ ବିଭାଗ ନଜର ରଖିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ସମୟରେ ଜିଲା ଯୋଗାଣ ବିଭାଗ ଏସିଏସଓ ସୌଭାଗ୍ୟ ରଞ୍ଜନ ନାୟକ, କୋରାପୁଟ ଓ ସୁନାବେଡା ଦାୟିତ୍ୱରେ ଥିବା ବିଭଗୀୟ ଇନ୍ସପେକ୍ଟର ଆଦିତ୍ୟ ବିଶ୍ୱପ୍ରକାଶ ନାୟକ,ସୁନାବେଡା ଯୋଗାଣ ନିରୀକ୍ଷକ ସନ୍ତୋଷିନୀ ଗଦବା,ସେମିଳିଗୁଡ଼ା ଥାନା ଏଏସଆଇ ବିରଞ୍ଚି ବାଣୁଆ ସାମିଲ ଥିଲେ।



ଜବତ ହୋଇଥିବା ଗ୍ୟାସ୍ ସିଲିଣ୍ଡର।

# ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ

ନନ୍ଦପୁର/ପାଡୁଆ, ୨୭।୪
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଭାଜପା କର୍ମୀଙ୍କ ପକ୍ଷରୁ ଜୋଲାପୁଟ ଜଳଭଣ୍ଡାରର ଜଳଘେରି ପରିବେଷ୍ଟିତ ପରଜାବଡ଼ପଡ଼ା ପଞ୍ଚାୟତ ସଦର ମହକୁମାରେ ଗାଁ ଚାଲ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଛି। ପଞ୍ଚାୟତ ଭାଜପା ସଭାପତି ନନ୍ଦ ପୂଜାରୀଙ୍କ ଅଧ୍ୟକ୍ଷତାରେ ଜିଲା ଏସ୍‌ଟିସି ଅଧ୍ୟକ୍ଷ ଭଗବାନ ମୁଦୁଲି, ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ, ପାଡୁଆ ମଣ୍ଡଳ ସମ୍ପାଦକ ଲାଛାନା ଖିଲ, ପୂର୍ବତନ ମଣ୍ଡଳ ସଭାପତି ସୁଦର୍ଶନ ପାଙ୍ଗୀ, ଆଦିବାସୀ ମୋର୍ଚ୍ଚା ସଦସ୍ୟ ନାଗେଶ ପୂଜାରୀ, ଦଶରଥ ପୂଜାରୀ, ଯୁବମୋର୍ଚ୍ଚା ସଦସ୍ୟ ବାସୁଦେବ ବାଙ୍ଗୁରୁ, ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ପରିକ୍ରମା କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ନେଇ ଲୋକଙ୍କୁ ଅବଗତ କରିଥିଲେ। ଗ୍ରାମବାସୀ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଏସ୍‌ଟିସି ଅଧ୍ୟକ୍ଷ ଓ ଭାଜପା କର୍ମୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହାର ସମାଧାନ ପାଇଁ ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ।





ଭାଜପା କର୍ମୀମାନେ ଗ୍ରାମ ପରିକ୍ରମା କରୁଛନ୍ତି।

# ମା' ମୁତ୍ୟାଲମ୍ମାଙ୍କ ନବଦିନ ଘଟଯାତ୍ରା ଆରମ୍ଭ



ମା'ଙ୍କୁ ସହର ପରିକ୍ରମା କରାଯାଉଛି।

କୋରାପୁଟ,୨୭।୪(ଅମିତାଭ ବେହେରା)

କୋରାପୁଟର ଅଧିଷ୍ଠାତ୍ରୀ ଦେବୀ ମା' ମୁତ୍ୟାଲମ୍ମାଙ୍କ ନବଦିନ ଘଟଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଘଟଯାତ୍ରାରେ ମା' ପୁଚିଲା ସାହିସ୍ଥିତ ଅସ୍ଥାୟୀ ପୀଠରେ ବିରାଜିତ ହେବେ। ପ୍ରତିଦିନ ସନ୍ଧ୍ୟାରେ ସାହି ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେବେ। ଏ ନେଇ ଅସ୍ଥାୟୀ ପୀଠରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳୁଛି। ଚଳିତବର୍ଷ ଟାଉନ ପୂଜା କମିଟି ପକ୍ଷରୁ ଯାତ୍ରା କରାଯାଉଛି। ସୋମବାର ଅପରାହ୍ନରେ ମା' ସହରର ଟିକିରାସାହିସ୍ଥିତ ନିଜ ପୀଠରୁ ଫୁଲ ଚାଙ୍ଗୁଡ଼ିରେ ବିରାଜମାନ ହୋଇ ବିରାଟ ପଟୁଆରରେ ଆଦିବାସୀ ଢେମସା ନୃତ୍ୟ, ଆନ୍ଧ୍ରର ବାଜା, ବାଘ ଓ ମାତା ନୃତ୍ୟ ଦଳ ସହ ଆତସବାଜିରେ ସହର ପରିକ୍ରମା କରି ଅସ୍ଥାୟୀ ପୀଠରେ ପହଞ୍ଚିଥିଲେ। ପାରମ୍ପରିକ ରୀତି ଅନୁଯାୟୀ ପ୍ରତି ୨ବର୍ଷ ଅନ୍ତରାଳରେ ପୋଲିସ କର୍ମଚାରୀ ଓ ଥରେ ବଜାର କମିଟି ପକ୍ଷରୁ ମା'ଙ୍କୁ ଅସ୍ଥାୟୀ ପୀଠକୁ ଆବାହନ କରାଯାଇଥାଏ।

# ଅସହାୟ ପରିବାରକୁ ମିଳିଲା ରାଶନ କାର୍ଡ, ଚାଉଳ



ଯୋଗାଣ କର୍ତ୍ତୃପକ୍ଷ ରାଧା ଖିଲଙ୍କ ପରିବାରକୁ ରାଶନ କାର୍ଡ ଓ ଚାଉଳ ପ୍ରଦାନ କରୁଛନ୍ତି।

ନନ୍ଦପୁର/ପାଡୁଆ, ୨୭।୪
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

#### କେୱାଇସି ଆଳରେ ରାଶନ କାର୍ଡ ଅଟଳ ଘଟଣା

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ କଟରାଗୁଡା ଗ୍ରାମରେ ୩ ଦିବ୍ୟାଙ୍ଗ ପୁଅଙ୍କୁ ନେଇ ରହୁଥିବା ଜଣେ ବିଧବା ମହିଳା ରାଧା ଖିଲଙ୍କୁ ରାଶନ କାର୍ଡ ଓ ଚାଉଳ ମିଳିଛି। ଉକ୍ତ ପରିବାରକୁ କେୱାଇସି ହୋଇ ନ ଥିବା ଦର୍ଶାଇ ରାଶନ କାର୍ଡ ଅଚଳକରି ୩ ମାସ ଚାଉଳ ଦିଆ ନ ଯିବା ଘଟଣା ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ବ୍ଲକ ଓ ଯୋଗାଣ ବିଭାଗ ପକ୍ଷରୁ ଏହି ପରିବାରଙ୍କ ଘରକୁ ଯାଇ ୪ ଜଣଙ୍କ କେୱାଇସି କରିବା ସହ ନୂତନ ରାଶନ କାର୍ଡ ଓ ଚାଉଳ ପ୍ରଦାନ କରିଛନ୍ତି। ଏହି ପରିବାରର ରାଶନ କାର୍ଡ ଅଚଳ ଖବର ପାଇ ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଜିଲା ସହକାରୀ ଯୋଗାଣ ଅଧିକାରୀ ସୌଭାଗ୍ୟରଞ୍ଜନ, ବ୍ଲକ୍ ଯୋଗାଣ ନିରୀକ୍ଷକ ବଳରାମ ଜେନାଙ୍କୁ ତଦନ୍ତ ସହ ରିପୋର୍ଟ ପ୍ରଦାନ କରି ଚାଉଳ ବଣ୍ଟନ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୋଗାଣ ନିରୀକ୍ଷକ ଜେନା ପାଡୁଆ ପଞ୍ଚାୟତ ଚାଉଳ ବଣ୍ଟନ କେନ୍ଦ୍ର ପରିଦର୍ଶନକରି ଡିଲରଙ୍କୁ ତାଗିଦାକରି ପରିବାରର କେୱାଇସି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରାଯାଇଛି। କେୱାଇସି ପରେ ପରିବାରକୁ ରାଶନ କାର୍ଡ ଓ ଚାଉଳ ଦିଆଯାଇଥିବା ବ୍ଲକ୍ ଯୋଗାଣ ନିରୀକ୍ଷକ ଜେନା ସୂଚନା ଦେଇଛନ୍ତି।

# ଭେଜାପୁଟରେ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ

ଦାମନଯୋଡି,୨୭।୪(ନରସିଂହ ବ୍ରହ୍ମା)

#### ବାରମ୍ବାର ବିଦ୍ୟୁତ୍ ତାର ଚୋରି ଅଭିଯୋଗ

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତ ଅଧୀନ ଭେଜାପୁଟ ଗ୍ରାମରେ ବାରମ୍ବାର ବିଦ୍ୟୁତ୍ ତାର ଚୋରି ହେଉଥିବାରୁ ବସୁଧା ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହେଉଛି। ଜଳଯୋଗାଣ ବିଭାଗର ଅବହେଳା ଯୋଗୁ ଏଭଳି ହେଉଥିବାର ଗାଁ ଲୋକେ ଅଭିଯୋଗ କରିଛନ୍ତି। ପ୍ରାୟ ୩ ବର୍ଷ ପୂର୍ବେ ଭେଜାପୁଟ ଗ୍ରାମକୁ ବସୁଧା ଯୋଜନାରେ ପାନୀୟ ଜଳଯୋଗାଣ ପାଇଁ ପାଣି ଟାଙ୍କି, ପମ୍ପ ହାଉସ ଆଦି ନିର୍ମାଣ କରାଯାଇଥିଲେ ସୁଦ୍ଧା ୨–୩ ମାସ ହେବ ଗ୍ରାମକୁ ହେଉଥିବା ଜଳଯୋଗାଣରେ ଅନିୟମିତା ହେଉଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଦୈନିକ ପାଣି ଆସିବାରେ ସମସ୍ୟା ରହୁଥିଲା। ଗତମାସରେ କେହି ଦୁର୍ବୃତ୍ତ ପମ୍ପ ହାଉସ ନିକଟରୁ ବିଦ୍ୟୁତ ତାର ଚୋରିକରି ନେଇଯାଇଥିଲେ। କିଛି ଦିନ ଜଳଯୋଗାଣ ବନ୍ଦ ରହି ପୁଣି ନୂଆ ତାର ସଂଯୋଗ କରି ଜଳଯୋଗାଣ ହୋଇଥିଲା। ୩ ଦିନ ପାଣି ଆସିବା ପରେ ଗୁରୁବାର ରାତିରେ ପୁଣି କୌଣସି ଦୁର୍ବୃତ୍ତ ତାର କାଟି ନେଇଥିବାରୁ ଗ୍ରାମକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ପାଣି ଟାଙ୍କି ଉପରେ ଢ଼ାଙ୍କୁଣୀ ନ ଥିବା ଦେଖିବାକୁ ମିଳିଛି। ପ୍ରକଳ୍ପ ଆରମ୍ଭରୁ ଉକ୍ତ ଟାଙ୍କିରେ ଢାଙ୍କୁଣି ଦିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାହାର ଅଳିଆ ଆବର୍ଜନା ପଡ଼ି ପାଣି ଦୂଷିତ ହେଉଥିବା ସେମାନେ କହିଛନ୍ତି। ସ୍ଥାୟୀ ସମାଧାନ ନେଇ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଦାବିପୂରଣ ନ ହେଲେ ରାସ୍ତାରେ ଚାଷୀ ଆକ୍ରୋଶ ଚେତାବନୀ

#### ଜିଲାପାଳ କାର୍ଯ୍ୟାଳୟ ଆଗରେ ବିଜେଡିର ପ୍ରତିବାଦ ସଭା

କୋରାପୁଟ,୨୭।୪
(ଅମିତାଭ ବେହେରା)



ସଭାରେ ବିଜେଡି ନେତା, କର୍ମୀ ଓ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚାଷୀ ପଞ୍ଜୀକରଣ ସମସ୍ୟା, ସିଏମ୍ କିଷାନ ଯୋଜନା ଟଙ୍କା ପ୍ରଦାନ ଓ ଚାଷୀ ବିରୋଧୀ ନୀତିକୁ ନେଇ କୋରାପୁଟ ଜିଲାରେ ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଛି। ବିଜେଡି ନେତା କର୍ମୀଙ୍କ ସହ ଅନେକ ଚାଷୀ ଧାରଣାରେ ବସିଥିଲେ। ଜିଲାର ପ୍ରାୟ ୫ ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଲ୍ୟାମ୍ପ ପକ୍ଷରୁ ଠିକ ସୂଚନା ମିଳୁନାହିଁ। ଏଥିସହ ପଞ୍ଜୀକରଣ ସମୟ ସୀମାକୁ ଆଉ ୩ଦିନ ବଢ଼ାଇବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ସିଏମ କିଷାନ ଯୋଜନାରେ ପ୍ରାୟ ୪୩ ହଜାର ଚାଷୀ ବାଦ ପଡ଼ିଥିବା ଦଳ ଉଲ୍ଲେଖ କରିଛି। ସେମାନଙ୍କୁ ଶୀଘ୍ର ଯୋଜନାରେ ସମ୍ମିଳିତ କରିବାକୁ ଦାବି କରାଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ କହିଥିଲେ, ବର୍ତ୍ତମାନ ସରକାର ଚାଷୀ ବିରୋଧୀ ନୀତି ଅବଲମ୍ବନ କରୁଛି। ଚାଷୀଙ୍କ ଆକ୍ରୋଶ ଆଗାମୀ ଦିନରେ ରାଜରାସ୍ତାରେ ପ୍ରକାଶ ପାଇବ ବୋଲି କହିଛନ୍ତି। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଏହି ସମୟରେ ବିଜେଡି ଜିଲା ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରଫୁଲ୍ଲ ପାଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଓ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଶତାଧିକ ଚାଷୀମାନେ ଉପସ୍ଥିତ ଥିଲେ।

